# ତୃତୀୟୋଧ୍ୟାୟ

## ଶ୍ଳୋକ ୧

ସ॒ମି॒ଧା॒ଽଗ୍ନିଂ ଦୁ॑ବସ୍ୟତ ଘୃ॒ତୈର୍ବୋ॑ଧୟ॒ତାତି॑ଥିମ୍ |

ଆସ୍ମି॑ନ୍ ହ॒ବ୍ୟା ଜୁହୋତନ ||୩-୧||

## ଶବ୍ଦାର୍ଥ

ସମିଧା = ସମିଧା ଦ୍ୱାରା, ଅଗ୍ନିଂ = ଅଗ୍ନିର, ଦୁବସ୍ୟତ = ସେବାକର, ଘୃତୈ: = ଘୃତାହୁତି ଦ୍ୱାରା, ବୋଧୟତ = ଜାଗ୍ରତ କର, ଅତିଥିଂ = ଅତିଥିଙ୍କୁ (ଅଗ୍ନିକୁ), ଆସ୍ମିନ୍ = (ତତ୍ପଶ୍ଚାତ୍) ଏହି, ହବ୍ୟା = ହବନୀୟ ପଦାର୍ଥର, ଆ = (ଉପସର୍ଗ), ଜୁହୋତନ = (ଆହୁତିରେ) ଭଲକରି ହବନ କର

## ଅନ୍ୱୟାର୍ଥ

ସମିଧା ଅଗ୍ନିଂ ଦୁବସ୍ୟତ = ସମିଧା ଦ୍ୱାରା ଅଗ୍ନିର ସେବାକର |

ଘୃତୈ: ଅତିଥିଂ ବୋଧୟତ = ଘୃତାହୁତି ଦ୍ୱାରା ଅତିଥିଙ୍କୁ (ଅଗ୍ନିକୁ) ଜାଗ୍ରତ କର |

ଆସ୍ମିନ୍ ହବ୍ୟା ଆଜୁହୋତନ = (ତତ୍ପଶ୍ଚାତ୍) ଏହି ହବନୀୟ ପଦାର୍ଥର (ଆହୁତିରେ) ଭଲକରି ହବନ କର |

## ଶ୍ଳୋକ ୨

ସୁସ॑ମିଦ୍ଧାୟ ଶୋ॒ଚିଷେ॑ ଘୃ॒ତଂ ତୀ॒ବ୍ରଂ ଜୁ॑ହୋତନ |

ଅ॒ଗ୍ନୟେ॑ ଜା॒ତବେ॑ଦସେ ||୩-୨||

## ଶବ୍ଦାର୍ଥ

ସୁସମିଦ୍ଧାୟ = ଉତ୍ତମ ରୂପେ ପ୍ରଜ୍ୱଳିତ, ଶୋଚିଷେ = ତେଜସ୍ୱୀ, ଘୃତଂ = ଘୃତ, ତୀବ୍ରଂ = ତେଜସ୍ୱୀ, ଜୁହୋତନ = ଆହୁତି ପ୍ରଦାନ କର, ଅଗ୍ନୟେ = ଅଗ୍ନି ପାଇଁ, ଜାତବେଦସେ = ଜନ୍ମରୁ ଜ୍ଞାତା

## ଅନ୍ୱୟାର୍ଥ

ସୁସମିଦ୍ଧାୟ ଶୋଚିଷେ ଜାତବେଦସେ ଅଗ୍ନୟେ ତୀବ୍ରଂ ଘୃତଂ ଜୁହୋତନ = ଉତ୍ତମ ରୂପେ ପ୍ରଜ୍ୱଳିତ, ତେଜସ୍ୱୀ, ଜନ୍ମରୁ ଜ୍ଞାତା ଅଗ୍ନି ପାଇଁ ତେଜସ୍ୱୀ ଘୃତ ଆହୁତି ପ୍ରଦାନ କର |

## ଶ୍ଳୋକ ୩

ତଂ ତ୍ୱା॑ ସ॒ମିଭି॑ରାଙ୍ଗିରୋ ଘୃ॒ତେନ॑ ବର୍ଧୟାମସି |

ବୃ॒ହଚ୍ଛୋ॑ଚା ଯବିଷ୍ଠ୍ୟ ||୩-୩||

## ଶବ୍ଦାର୍ଥ

ତଂ = ସେହି, ତ୍ୱା = ତୁମକୁ, ସମିଭି: = ସମିଧା ଦ୍ୱାରା, ଅଙ୍ଗିର: = ହେ ଗତିବାନ ଅଗ୍ନି !, ଘୃତେନ = ଘୃତଦ୍ୱାରା, ବର୍ଧୟାମସି = ବଢାଉଛି, ବୃହତ୍ = ବଡ, ଶୋଚ = ଜ୍ୱାଳାରେ ପ୍ରକାଶିତ ହୋଇ ଯାଅ, ଆ = (ଉପସର୍ଗ), ଯବିଷ୍ଠ୍ୟ = ହେ ଯୁବା ଅଗ୍ନି !

## ଅନ୍ୱୟାର୍ଥ

ଅଙ୍ଗିର: = ହେ ଗତିବାନ ଅଗ୍ନି !

ତଂ ତ୍ୱା ସମିଭି: ଘୃତେନ ବର୍ଧୟାମସି = ତୁମକୁ ସମିଧା ଓ ଘୃତ ଦ୍ୱାରା ପ୍ରଜ୍ୱଳିତ କରୁଛୁ |

ଯବିଷ୍ଠ୍ୟ ବୃହତ୍ ଆ ଶୋଚ = ହେ ଯୁବା ଅଗ୍ନି ତୁମେ ଖୁବ୍ ପ୍ରଜ୍ୱଳିତ ହୋଇ ପ୍ରକାଶିତ ହୁଅ |

## ଶ୍ଳୋକ ୪

ଉପ॑ ତ୍ୱାଽଗ୍ନେ ହ॒ବିଷ୍ମ॑ତୀରଘୃ॒ତାଚୀ॑ର୍ୟନ୍ତୁ ହର୍ୟତ |

ଜୁଷସ୍ୱ ସମିଧୋ ମମ ||୩-୪||

# ଶବ୍ଦାର୍ଥ

ଉପ = (ଉପସର୍ଗ), ତ୍ୱା = ତୁମକୁ, ଅଗ୍ନେ = ହେ ଅଗ୍ନି !, ହବିଷ୍ମତୀ: = ହବିଷ୍ୟାନ୍ନ ଯୁକ୍ତ, ଘୃତାଚୀ: = ଘୃତ-ସିକ୍ତ, ଯନ୍ତୁ = ପ୍ରାପ୍ତ ହେଉ, ହର୍ଯ୍ୟତ = ହେ କାନ୍ତିବାନ ଆଗ୍ନି !, ଜୁଷସ୍ୱ = ଗ୍ରହଣ କର (ସେବନ କର), ସମିଧଃ = ସମିଧା କୁ, ମମ = ମୋର

# ଅନ୍ୱୟାର୍ଥ

ଅଗ୍ନେ = ହେ ଅଗ୍ନି !

ହବିଷ୍ମତୀ: ଘୃତାଚୀ: ତ୍ୱା ଉପ ଯନ୍ତୁ = ହବିଷ୍ୟାନ୍ନ ଯୁକ୍ତ ଓ ଘୃତ-ସିକ୍ତ (ସମିଧା) ତୁମକୁ ପ୍ରାପ୍ତ ହେଉ |

ହର୍ଯ୍ୟତ = ହେ କାନ୍ତିବାନ ଆଗ୍ନି !

ମମ ସମିଧଃ ଜୁଷସ୍ୱ = ମୋର ସମିଧା କୁ ଗ୍ରହଣ କର (ସେବନ କର) |

# ଶ୍ଲୋକ ୫

ଭୂର୍ଭୁବ: ସ୍ୱର୍ଦ୍ୟୌରିବ ଭୂମ୍ନା ପୃଥିବୀବ ବରିମ୍ଣା |

ତସ୍ୟାସ୍ତେ ପୃଥିବି ଦେବଯଜନି ପୃଷ୍ଠେଽଗ୍ନିମନ୍ନାଦମନ୍ନାଦ୍ୟାୟାଦଧେ ||୩-୫||

# ଶବ୍ଦାର୍ଥ

ଭୂ: = (ତୁମେ) ସତ୍ତାରୂପ, ଭୁବ: = ଜ୍ଞାନ ରୂପ, ସ୍ୱ: = ଆନନ୍ଦରୂପ, ଦ୍ୟୌ: = ଦ୍ୟୁଲୋକ, ଇବ = ସମାନ, ଭୂମ୍ନା = (ଯାହା ଫଳରେ ମୁଁ) ବିଶାଳତା ଦୃଷ୍ଟିରେ, ପୃଥିବୀ = ପୃଥିବୀ, ଇବ = ସମାନ, ବରିମ୍ଣା = ବରିଷ୍ଠତା ଦୃଷ୍ଟିରେ, ତସ୍ୟା: = ସେହି, ତେ = ତୁମର, ପୃଥିବି = ହେ ପୃଥିବୀ, ଦେବଯଜନି = ଦେବତା ମାନଙ୍କ ଯଜ୍ଞପାଇଁ ସ୍ଥାନ ଦେଉଥିବା, ପୃଷ୍ଠେ = ପିଠିରେ, ଅଗ୍ନିଂ = ଅଗ୍ନିକୁ, ଅନ୍ନାଦଂ = ଅନ୍ନ କୁ ଅଦନ (ଭକ୍ଷଣ) କରୁଥିବା, ଅନ୍ନାଦ୍ୟାୟ = ଅନ୍ନ ଅଦନ (ଭକ୍ଷଣ) ପାଇଁ, ଆ ଦଧେ = ସ୍ଥାପନା କରୁଛି

# ଅନ୍ୱୟାର୍ଥ

ଭୂ: ଭୁବ: ସ୍ୱ: = (ତୁମେ) ସତ୍ତାରୂପ, ଜ୍ଞାନ ରୂପ, ଆନନ୍ଦରୂପ ଅଟ |

ଦେବଯଜନି ପୃଥିବି = ଦେବତା ମାନଙ୍କ ଯଜ୍ଞପାଇଁ ସ୍ଥାନ ଦେଉଥିବା ହେ ପୃଥିବୀ !

ତେ ତସ୍ୟା: ପୃଷ୍ଠେ ଅନ୍ନାଦ୍ୟାୟ ଅନ୍ନାଦଂ ଅଗ୍ନିଂ ଆ ଦଧେ = ତୁମର ସେହି ପିଠିରେ ଅନ୍ନ ଅଦନ (ଭକ୍ଷଣ) ପାଇଁ ଅନ୍ନ କୁ ଅଦନ (ଭକ୍ଷଣ) କରୁଥିବା ଅଗ୍ନିକୁ ସ୍ଥାପନା କରୁଛି,

ଭୂମ୍ନା ଦ୍ୟୌ: ଇବ ବରିମ୍ଣା ପୃଥିବୀ ଇବ = (ଯାହା ଫଳରେ ମୁଁ) ବିଶାଳତା ଦୃଷ୍ଟିରେ ଦ୍ୟୁଲୋକ ସମାନ ତଥା ବରିଷ୍ଠତା ଦୃଷ୍ଟିରେ ପୃଥିବୀ ସମାନ ହୁଏ |

## ଶ୍ଳୋକ ୬

ଆୟଂ ଗୌଃ ପୃଶ୍ନି॑ରକ୍ରମୀ॒ଦସ॑ଦନ୍ ମା॒ତରଂ॑ ପୁରଃ |

ପି॒ତରଂ॑ ଚ ପ୍ର॒ୟନ୍ତ୍ସ୍ୱ॑: ||୩-୬||

## ଶବ୍ଦାର୍ଥ

ଆ = ଅନ୍ତରିକ୍ଷ ଉପରେ, ଅୟଂ = ଏହି, ଗୌଃ = ଗମନଶୀଳ, ପୃଶ୍ନି: = ଅଦ୍ଭୁତ ଦୀପ୍ତିଯୁକ୍ତ ଅଗ୍ନି, ଅକ୍ରମୀତ୍ = ଆକ୍ରମଣ କଲେ, ଅସଦନ = ପ୍ରାପ୍ତ ହୋଇଗଲା, ମାତରଂ = ମାତା ପୃଥିବୀ ର, ପୁରଃ = ପ୍ରଥମେ, ପିତରଂ = ପିତୃରୂପ ଦ୍ୟୁଲୋକ କୁ, ଚ = ବି, ପ୍ରୟନ୍ = ଗମନ କରି, ସ୍ୱ: = ପ୍ରକାଶ ଲୋକ କୁ

## ଅନ୍ୱୟାର୍ଥ

ଅୟଂ ଗୌଃ ପୃଶ୍ନି: ଆ ଅକ୍ରମୀତ୍ = ଏହି ଗମନଶୀଳ ଅଦ୍ଭୁତ ଦୀପ୍ତିଯୁକ୍ତ ଅଗ୍ନି ଅନ୍ତରିକ୍ଷ ଉପରେ ଆକ୍ରମଣ କଲେ |

ପୁରଃ ମାତରଂ ଅସଦନ୍ = (ସେ) ପ୍ରଥମେ ମାତା ପୃଥିବୀ ର ପାଖକୁ ଗଲେ |

ସ୍ୱ: ପ୍ରୟନ୍ ପିତରଂ ଚ ଅସଦନ୍ = ପ୍ରକାଶ ଲୋକ ଆଡେ ଗମନ କରି ପିତୃରୂପ ଦ୍ୟୁଲୋକ କୁ ବି ପ୍ରାପ୍ତ ହୋଇଗଲା |

## ଶ୍ଳୋକ ୭

ଅ॒ନ୍ତଶ୍ଚ॑ରତି ରୋଚ॒ନାସ୍ୟ ପ୍ର॒ଆଣାଦ॑ପାନ॒ତୀ |

ବ୍ୟା॑ଖ୍ୟନ୍ ମହି॒ଷୋ ଦିବ॑ମ୍ ||୩-୭||

## ଶବ୍ଦାର୍ଥ

ଅନ୍ତ: = (ସବୁ ପ୍ରାଣୀଙ୍କ) ଭିତରେ, ଚରତି = ସଞ୍ଚରଣ କରେ, ରୋଚନା = ପ୍ରଭାପୂର୍ଣ୍ଣ ଶକ୍ତି, ଅସ୍ୟ = ଏହି ଅଗ୍ନି ଦେବଙ୍କର, ପ୍ରାଣାତ୍ = ପ୍ରାଣ, ଅପାନତୀ = ଅପାନ ରୂପରେ, ବ୍ୟଖ୍ୟନ୍ = ପ୍ରକାଶ ପ୍ରଦାନ କରେ, ମହିଷ: = ଏହି ମହାନ୍ ଅଗ୍ନିଦେବ, ଦିବଂ = ଦ୍ୟୁଲୋକକୁ

## ଅନ୍ୱୟାର୍ଥ

ଅସ୍ୟ ରୋଚନା ପ୍ରାଣାତ୍ ଅପାନତୀ ଅନ୍ତ: ଚରତି = ଏହି ଅଗ୍ନି ଦେବଙ୍କର ପ୍ରଭାପୂର୍ଣ୍ଣ ଶକ୍ତି ପ୍ରାଣ ଓ ଅପାନ ରୂପରେ (ସବୁ ପ୍ରାଣୀଙ୍କ) ଭିତରେ ସଞ୍ଚରଣ କରେ |

ମହିଷ: ଦିବଂ ବ୍ୟଖ୍ୟନ୍ = ଏହି ମହାନ୍ ଅଗ୍ନିଦେବ ଦ୍ୟୁଲୋକକୁ ପ୍ରକାଶ ପ୍ରଦାନ କରେ |

## ଶ୍ଳୋକ ୮

ତ୍ରିଂ଼ ଶଦ୍ଧାମ ବିରାଜତି ବାକ୍ ପତଙ୍ଗାୟ ଧୀୟତେ |

ପ୍ରତି ବସ୍ତୋରହ ଦ୍ୟୁଭି: ||୩-୮||

## ଶବ୍ଦାର୍ଥ

ତ୍ରିଂଶତ୍ = ତିରିଶ, ଧାମ = ଧମରେ, ବିରାଜତି = ଶୋଭା ପାଏ, ବାକ୍ = ବାଣୀ, ପତଙ୍ଗାୟ = ଅଗ୍ନି ପାଇଁ, ଧୀୟତେ = ପ୍ରଯୁକ୍ତ, ପ୍ରତି ବସ୍ତୋ: = ପ୍ରତିଦିନ, ଅହ: = (ଓ) ବିଶେଷ ଦିନରେ, ଦ୍ୟୁଭି: = ନିଜ ତେଜରାଶି ଦ୍ୱାରା

## ଅନ୍ୱୟାର୍ଥ

ତ୍ରିଂଶତ୍ ଧାମ ବିରାଜତି ବାକ୍ ପ୍ରତି ବସ୍ତୋ: ଅହ: ଦ୍ୟୁଭି: ପତଙ୍ଗାୟ ଧୀୟତେ = ତିରିଶ ଧମରେ (ଯେ) ଶୋଭା ପାଏ, (ସେହି) ବାଣୀ ପ୍ରତିଦିନ (ଓ) ବିଶେଷ ଦିନରେ ନିଜ ତେଜରାଶି ଦ୍ୱାରା ଅଗ୍ନି ପାଇଁ ପ୍ରଯୁକ୍ତ ହୁଏ |

# ଶ୍ଲୋକ ୯

ଅ॒ଗ୍ନିର୍ଜ୍ୟୋତି॒ର୍ଜ୍ୟୋତି॑ର॒ଗ୍ନିଃ ସ୍ୱାହା॒ ସୂର୍ଯ୍ୟୋ॒ ଜ୍ୟୋତି॒ର୍ଜ୍ୟୋତି॒ଃ ସୂର୍ଯ୍ୟ॒ଃ ସ୍ୱାହା॑ |

ଅ॒ଗ୍ନିର୍ବର୍ଚ୍ଚୋ॒ ଜ୍ୟୋତି॒ର୍ବର୍ଚ୍ଚ॒ଃ ସ୍ୱାହା॒ ସୂର୍ଯ୍ୟୋ॒ ବର୍ଚ୍ଚୋ॒ ଜ୍ୟୋତି॒ର୍ବର୍ଚ୍ଚ॒ଃ ସ୍ୱାହା॑ |

ଜ୍ୟୋତି॒ଃ ସୂର୍ଯ୍ୟ॒ଃ ସୂର୍ଯ୍ୟୋ॒ ଜ୍ୟୋତି॒ଃ ସ୍ୱାହା॑ ||୩-୯||

# ଶବ୍ଦାର୍ଥ

ଅଗ୍ନିଃ = ଅଗ୍ନି, ଜ୍ୟୋତିଃ = ଜ୍ୟୋତି ଅଟେ, ଜ୍ୟୋତିଃ = ଜ୍ୟୋତି, ଅଗ୍ନିଃ = ଅଗ୍ନି ଅଟେ, ସ୍ୱାହା = ମୁଁ ସେଥି ପ୍ରତି ଆହୁତି ଅର୍ପଣ କରୁଛି, ସୂର୍ଯ୍ୟଃ = ସୂର୍ଯ୍ୟ, ଜ୍ୟୋତିଃ = ଜ୍ୟୋତି ଅଟେ, ଜ୍ୟୋତିଃ = ଜ୍ୟୋତି, ସୂର୍ଯ୍ୟଃ = ସୂର୍ଯ୍ୟ ଅଟେ, ସ୍ୱାହା = ମୁଁ ସେଥି ପ୍ରତି ଆହୁତି ଅର୍ପଣ କରୁଛି, ଅଗ୍ନିଃ = ଅଗ୍ନି, ବର୍ଚ୍ଚଃ = ତେଜ ଅଟେ, ଜ୍ୟୋତିଃ = ଜ୍ୟୋତି ହିଁ (ଅଗ୍ନି ର), ବର୍ଚ୍ଚଃ = ତେଜ ଅଟେ, ସ୍ୱାହା = ମୁଁ ସେଥି ପ୍ରତି ଆହୁତି ଅର୍ପଣ କରୁଛି, ସୂର୍ଯ୍ୟଃ = ସୂର୍ଯ୍ୟ, ବର୍ଚ୍ଚଃ = ତେଜ ଅଟେ, ଜ୍ୟୋତିଃ = ଜ୍ୟୋତି ହିଁ, ବର୍ଚ୍ଚଃ = ତେଜ ଅଟେ, ସ୍ୱାହା = ମୁଁ ସେଥିରେ ନିଜକୁ ଅର୍ପଣ କରୁଛି , ଜ୍ୟୋତିଃ ସୂର୍ଯ୍ୟଃ ସୂର୍ଯ୍ୟୋ ଜ୍ୟୋତିଃ ସ୍ୱାହା = ମୁଁ ସେହି ପ୍ରକାଶରେ ନିଜକୁ ଅର୍ପଣ କରୁଛି

# ଅନ୍ୱୟାର୍ଥ

ଅଗ୍ନିଃ ଜ୍ୟୋତିଃ ଜ୍ୟୋତିଃ ଅଗ୍ନିଃ = ଅଗ୍ନି ଜ୍ୟୋତି ଅଟେ, ଜ୍ୟୋତି ଅଗ୍ନି ଅଟେ |

ସ୍ୱାହା = ମୁଁ ସେଥି ପ୍ରତି ଆହୁତି ଅର୍ପଣ କରୁଛି |

ସୂର୍ଯ୍ୟଃ ଜ୍ୟୋତିଃ ଜ୍ୟୋତିଃ ସୂର୍ଯ୍ୟଃ = ସୂର୍ଯ୍ୟ ଜ୍ୟୋତି ଅଟେ, ଜ୍ୟୋତି ସୂର୍ଯ୍ୟ ଅଟେ |

ସ୍ୱାହା = ମୁଁ ସେଥି ପ୍ରତି ଆହୁତି ଅର୍ପଣ କରୁଛି |

ଅଗ୍ନିଃ ବର୍ଚ୍ଚଃ ଜ୍ୟୋତିଃ ବର୍ଚ୍ଚଃ = ଅଗ୍ନି ତେଜ ଅଟେ, ଜ୍ୟୋତି ହିଁ (ଅଗ୍ନିର) ତେଜ ଅଟେ |

ସ୍ୱାହା = ମୁଁ ସେଥି ପ୍ରତି ଆହୁତି ଅର୍ପଣ କରୁଛି |

ସୂର୍ଯ୍ୟଃ ବର୍ଚ୍ଚଃ ଜ୍ୟୋତିଃ ବର୍ଚ୍ଚଃ = ସୂର୍ଯ୍ୟ ତେଜ ଅଟେ, ଜ୍ୟୋତି ହିଁ (ସୂର୍ଯ୍ୟର) ତେଜ ଅଟେ |

ସ୍ୱାହା = ମୁଁ ସେହି ପ୍ରକାଶରେ ନିଜକୁ ଅର୍ପଣ କରୁଛି |

ଜ୍ୟୋତିଃ ସୂର୍ଯ୍ୟଃ ସୂର୍ଯ୍ୟଃ ଜ୍ୟୋତିଃ = ଜ୍ୟୋତି ହିଁ ସୂର୍ଯ୍ୟ ଅଟେ, ସୂର୍ଯ୍ୟ ଜ୍ୟୋତି ଅଟେ |

ସ୍ୱାହା = ମୁଁ ସେହି ପ୍ରକାଶରେ ନିଜକୁ ଅର୍ପଣ କରୁଛି |

# ଶ୍ଲୋକ ୧୦

ସ॒ଜୂ॒ର୍ଦ୍ଦେ॒ବେନ॑ ସବି॒ତ୍ରା ସ॒ଜୂ ରାତ୍ରେ୍ୟନ୍ଦ୍ର॑ବତ୍ୟା |

ଜୁ॒ଷା॒ଣୋ ଅ॒ଗ୍ନିର୍ବେ॑ତୁ॒ ସ୍ୱାହା॑ |

ସ॒ଜୂର୍ଦେ॑ବେନ॑ ସବି॒ତ୍ରା ସ॒ଜୂରୁ॒ଷସେନ୍ଦ୍ର॑ବତ୍ୟା |

ଜୁ॒ଷା॒ଣୋ ସୂର୍ଯ୍ୟୋ॑ ବେତୁ॒ ସ୍ୱାହା॑ ||୩=୧୦||

# ଶବ୍ଦାର୍ଥ

ସଜୂ: = ସହ, ଦେବେନ = ଦେବତା, ସବିତ୍ରା = ବିଶ୍ୱ ପ୍ରସବିତା ସବିତା, ସଜୂ: = ସହ, ରାତ୍ର୍ୟା = ରାତ୍ରିର, ଇନ୍ଦ୍ରବତ୍ୟା = ଇନ୍ଦ୍ରର ଶକ୍ତିଶାଳୀ, ଜୁଷାଣ: = ରହିଥିବା, ଅଗ୍ନି: = ଅଗ୍ନି, ବେତୁ = ପ୍ରାପ୍ତ କରୁ, ସ୍ୱାହା = ଏହି ଆହୁତି ଅର୍ପିତ, ସଜୂ: = ସହ, ଦେବେନ = ଦେବତା, ସବିତ୍ରା = ବିଶ୍ୱ ପ୍ରସବିତା ସବିତା, ସଜୂ: = ସହ, ଉଷସା = ଉଷା ସହ, ଇନ୍ଦ୍ରବତ୍ୟା = ଇନ୍ଦ୍ରର ଶକ୍ତିଶାଳୀ, ଜୁଷାଣ: = ରହିଥିବା, ସୂର୍ଯ୍ୟ: = ସୂର୍ଯ୍ୟ, ବେତୁ = ପ୍ରାପ୍ତ କରୁ, ସ୍ୱାହା = ଏହି ଆହୁତି ଅର୍ପିତ

# ଅନ୍ୱୟାର୍ଥ

ସବିତ୍ରା ଦେବେନ ସଜୂ: ଇନ୍ଦ୍ରବତ୍ୟା = ବିଶ୍ୱ ପ୍ରସବିତା ସବିତା ଦେବତା ଙ୍କ ସହ, ଇନ୍ଦ୍ରର ଶକ୍ତି ସହ ରହୁଥିବା,

ରାତ୍ର୍ୟା ସଜୂ: ଜୁଷାଣ: ଅଗ୍ନି: ବେତୁ ସ୍ୱାହା = ରାତ୍ରିର ସହ ରହିଥିବା ଅଗ୍ନି ଏହି ଆହୁତି ପ୍ରାପ୍ତ କରୁ |

ସବିତ୍ରା ଦେବେନ ସଜୂ: ଇନ୍ଦ୍ରବତ୍ୟା ଉଷସା ସଜୂ: = ବିଶ୍ୱ ପ୍ରସବିତା ସବିତା ଦେବତା ଙ୍କ ସହ, ଇନ୍ଦ୍ରର ଶକ୍ତି ସହ ରହୁଥିବା, ଉଷା ସହ

ଜୁଷାଣ: ସୂର୍ଯ୍ୟ: ବେତୁ ସ୍ୱାହା = ରହିଥିବା ସୂର୍ଯ୍ୟ ଏହି ଆହୁତି ପ୍ରାପ୍ତ କରୁ (ମୁ~ମ ଏ ଆହୁତି ଶ ମୋର ସ୍ୱ ଅର୍ପଣ କରୁଛି | ଏହା ସର୍ବଦେବ ସ୍ୱରୂପ ଅଗ୍ନି କୁ ମିଳୁ )

# ଶ୍ଲୋକ ୧୧

ଉ॒ପ॒ପ୍ର॒ୟନ୍ତୋ॑ ଅଧ୍ୱ॒ରଂ ମନ୍ତ୍ରଂ॑ ବୋଚେମା॒ଗ୍ନୟେ॑ |

ଆ॒ରେ ଅ॒ସ୍ମେ ଚ॑ ଶୃ॒ଣ୍ୱ॒ତେ ||୩-୧୧||

# ଶବ୍ଦାର୍ଥ

ଉପପ୍ରୟନ୍ତ: = ନିକଟକୁ ଯାଉଥିବା, ଅଧ୍ୱରଂ = ଯଜ୍ଞ ର, ମନ୍ତ୍ରଂ = ମନ୍ତ୍ର, ବୋଚେମ = ବୋଲୁଛୁ (ପଢୁଛୁ), ଅଗ୍ନୟେ = ଅଗ୍ନି ପାଇଁ, ଆରେ = ଦୂର ରୁ ବି, ଅସ୍ମେ = ଆମ କଥାବାର୍ତା, ଚ = ବି, ଶୃଣ୍ୱତେ = ସୁଣୁଥିବା ଲୋକ

# ଅନ୍ୱୟାର୍ଥ

ଅଧ୍ୱରଂ ଉପପ୍ରୟନ୍ତ: ଆରେ ଅସ୍ମେ ଚ ଶୃଣ୍ୱତେ ଅଗ୍ନୟେ ମନ୍ତ୍ରଂ ବୋଚେମ = ଯଜ୍ଞ ର ନିକଟକୁ ଯାଉଥିବା (ଆମେ) ଦୂର ରୁ ବି ଆମ କଥାବାର୍ତା ସୁଣି ପାରୁଥିବା ଅଗ୍ନି ପାଇଁ ମନ୍ତ୍ର ବୋଲୁଛୁ (ପଢୁଛୁ) |

# ଶ୍ଲୋକ ୧ ୨

ଅ॒ଗ୍ନିର୍ମୂ॒ର୍ଧା ଦି॒ବ: କ॒କୁତ୍ପତି॑: ପୃଥି॒ବ୍ୟା ଅ॒ୟମ୍ |

ଅ॒ପାó ରେତା॑ó ସି ଜିନ୍ୱତି ||୩-୧ ୨||

# ଶବ୍ଦାର୍ଥ

ଅଗ୍ନି: = ଅଗ୍ନି, ମୂର୍ଧା = ମସ୍ତକ, ଦିବ: = ଦ୍ୟୁଲୋକ ର, କକୁତ୍ = ଉଚ୍ଚ ଭାଗ, ପତି: = ସ୍ୱାମୀ, ପୃଥିବ୍ୟା: = ପୃଥିବୀ ର, ଅୟମ୍ = ଏହି, ଅପାଂ = ଜଳର, ରେତାଂସି = ବୀର୍ଯ୍ୟ କୁ, ଜିନ୍ୱତି = ପୁଷ୍ଟ କରେ

# ଅନ୍ୱୟାର୍ଥ

ଅୟମ୍ ଅଗ୍ନି: = ଏହି ଅଗ୍ନି

ଦିବ: ମୂର୍ଧା କକୁତ୍ = ଦ୍ୟୁଲୋକ ର ମସ୍ତକ ଓ ଉଚ୍ଚ ଭାଗ ରେ ବିଦ୍ୟମାନ ହୋଇ,

ପୃଥିବ୍ୟା: ପତି: = ପୃଥିବୀ କୁ ପାଳନ କରି,

ଅପାଂ ରେତାଂସି ଜିନ୍ୱତି = ଜଳର ବୀର୍ଯ୍ୟ କୁ ପୁଷ୍ଟ କରେ (ଜଳରେ ଜୀବନୀଶକ୍ତି ସଂଚାର କରେ) |

# ଶ୍ଳୋକ ୧୩

ଉ॒ଭ॒ଆ ବା॑ମିନ୍ଦାଗ୍ନୀ ଆହୁ॒ବଧ୍ୟା॑ ଉ॒ଭ॒ଆ ରାଧ॑ସ: ସ॒ହ ମା॑ଦ॒ୟଧ୍ୟୈ॑ |

ଉ॒ଭ॒ଆ ଦା॒ତାରା॑ବି॒ଷାo ର॑ୟୀ॒ଣାମୁ॒ଭା ବାଜ॑ସ୍ୟ ସା॒ତୟେ॑ ହୁବେ ବାମ୍ ||୩-୧୩||

# ଶବ୍ଦାର୍ଥ

ଉଭୌ = ଦୁହିଁଙ୍କୁ, ବାଂ = ତୁମ, ଇନ୍ଦାଗ୍ନୀ = ହେ ଇନ୍ଦ୍ର ଓ ଅଗ୍ନି !, ଆହୁବଧ୍ୟୈ = ଆବାହନ କରୁଛି, ଉଭୌ = ଦୁହିଁଙ୍କୁ, ରାଧସ: = ଅନ୍ନ ଦ୍ବାରା, ସହ = ସହ, ମାଦୟଧ୍ୟୈ = ସନ୍ତୁଷ୍ଟ କରିବାକୁ ଚାହେଁ, ଉଭୌ = ଦୁହିଁଙ୍କୁ, ଦାତାରୌ = ଦାତା ଅଟ, ଇଷାଂ = ଅନ୍ନ ର, ରୟୀଣାଂ = ଧନ ର, ଉଭୌ = ଦୁହିଁଙ୍କୁ, ବାଜସ୍ୟ = ଧନ ର, ସାତୟେ = ଦାନ ପାଇଁ, ହୁବେ = ଆହ୍ୱାନ କରୁଛି, ବାଂ = ତୁମ

# ଅନ୍ୱୟାର୍ଥ

ଇନ୍ଦାଗ୍ନୀ = ହେ ଇନ୍ଦ୍ର ଓ ଅଗ୍ନି !

ବାଂ ଉଭୌ ଆହୁବଧ୍ୟୈ = ତୁମ ଦୁହିଁଙ୍କୁ ଆବାହନ କରୁଛି |

ରାଧସ: ଉଭୌ ସହ ମାଦୟଧ୍ୟୈ = ଅନ୍ନ ଦ୍ବାରା ଦୁହିଁଙ୍କୁ ସନ୍ତୁଷ୍ଟ କରିବାକୁ ଚାହେଁ |

ଉଭୌ ଇଷାଂ ରୟୀଣାଂ ଦାତାରୌ = ତୁମେ ଦୁହେଁ ଅନ୍ନ ଓ ଧନ ର ଦାତା ଅଟ |

ଉଭୌ ବାଂ ବାଜସ୍ୟ ସାତୟେ ହୁବେ = ତୁମ ଦୁହିଁଙ୍କୁ ଅନ୍ନ ଦାନ ପାଇଁ ଆହ୍ୱାନ କରୁଛି |

# ଶ୍ଳୋକ ୧୪

ଅ॒ୟଂ ତେ॒ ଯୋନି॑ର୍ଋ॒ତ୍ୱିୟୋ॒ ଯତୋ॑ ଜା॒ତୋ ଅରୋ॑ଚଥା: |

ତଂ ଜା॒ନନ୍ନ॑ଗ୍ନ॒ ଆ॒ରୋ॒ହାଥା॑ ନୋ ବର୍ଦ୍ଧୟା ର॒ୟିମ୍ ||୩-୧୪||

# ଶବ୍ଦାର୍ଥ

ଅୟଂ = ଏହି ଅଗ୍ନି, ତେ = ତୁମର, ଯୋନି: = ଉତ୍ପତ୍ତି ସ୍ଥଳ ଅଟେ, ଋତ୍ୱିୟ: = ଋତୁ ର ଅନୁକୂଳ, ଯତ: = ଯେଉଁଠୁ, ଜାତ: = ଉତ୍ପନ୍ନ ହୋଇ,

ଅରୋଚଥା: = ତୁମେ ପ୍ରକାଶ ହୁଅ, ତଂ = ତାହାକୁ, ଜାନନ୍ = ଜାଣି, ଅଗ୍ନେ = ହେ ଅଗ୍ନି !, ଆରୋହ = ଉପରକୁ ଆରୋହଣ କର, ଅଥ = ଓ, ନ: = ଆମର, ବର୍ଧୟ = ବୃଦ୍ଧି କର, ରୟିମ୍ = ଧନ

## ଅନ୍ୱୟାର୍ଥ

ଅଗ୍ନେ = ହେ ଅଗ୍ନି !

ଋତ୍ୱିୟ: ଅୟଂ ତେ ଯୋନି: = ଋତୁ ର ଅନୁକୂଳତା ରେ ଉତ୍ପନ୍ନ ଏହି (ଗାର୍ହପତ୍ୟ ଅଗ୍ନି) ତୁମର ଉତ୍ପତ୍ତି ସ୍ଥଳ ଅଟେ |

ଯତ: ଜାତ: ଅରୋଚଥା: ତଂ ଜାନନ୍ ଆରୋହ = ଯେଉଁଠୁ ଉତ୍ପନ୍ନ ହୋଇ ତୁମେ ପ୍ରକାଶ ହୁଅ, ତାହାକୁ ଜାଣି ଉପରକୁ ଆରୋହଣ କର

ଅଥ ନ: ରୟିମ୍ ବର୍ଧୟ = ଓ ଆମର ଧନ ବୃଦ୍ଧି କର |

## ଶ୍ଳୋକ ୧୫

ଅୟମିହ ପ୍ରଥମୋ ଧାୟି ଧାତୃଭିର୍ହୋତା ଯଜିଷ୍ଠୋ ଅଧ୍ୱରେଷ୍ୱିଡ୍ୟ: |

ଯମପ୍ନବାନୋ ଭୃଗବୋ ବିରୁରୁଚୁର୍ବନେଷୁ ଚିତ୍ରଂ ବିଭ୍ୱଂ ବିଶେବିଶେ ||୩-୧୫||

## ଶବ୍ଦାର୍ଥ

ଅୟଂ = ଏହି, ଇହ = ଏଠାରେ, ପ୍ରଥମ: = ସର୍ବ ପ୍ରଥମେ, ଅଧାୟି = ସ୍ଥାପିତ କଲେ, ଧାତୃଭି: = ଆଧାନ (ଶ୍ରେଷ୍ଠ ଯଜ୍ଞ) କାରୀ ଋତ୍ୱିକ୍ ମାନେ, ହୋତା = ହବନ କାରୀ, ଯଜିଷ୍ଠ: = ଯଜନଶୀଳ, ଅଧ୍ୱରେଷୁ = ଅହିଁସକ ଯଜ୍ଞରେ, ଇଡ୍ୟ: = ପୂଜାର୍ହ (ଅଗ୍ନିକୁ), ଯଂ = ଏହି, ଅପ୍ନବାନ: = କର୍ମ କରୁଥିବା, ଭୃଗବ: = ଭୃଗୁ ଆଦି ଋଷିମାନେ, ବି ରୁରୁଚୁ: = ବିଶେଷ ରୂପେ ପ୍ରଦୀପ୍ତ, ବନେଷୁ = ବନରେ, ଚିତ୍ରଂ = ବିଚିତ୍ର କର୍ମ କରୁଥିବା ଅଗ୍ନି କୁ, ବିଭ୍ୱଂ = ବ୍ୟାପକ, ବିଶେ ବିଶେ = ପ୍ରଜାଜନଙ୍କ ହିତ ଶକାସେ

## ଅନ୍ୱୟାର୍ଥ

ହୋତା ଯଜିଷ୍ଠ: ଅଧ୍ୱରେଷୁ ପ୍ରଥମ: = ହବନ କାରୀ, ଯଜନଶୀଳ ଅହିଁସକ ଯଜ୍ଞରେ ସର୍ବ ପ୍ରଥମେ (ସ୍ତୁତ୍ୟ)

ଅୟଂ ଇଡ୍ୟ: ଧାତୃଭି: ଇହ ଅଧାୟି = ଏହି ପୂଜାର୍ହ (ଅଗ୍ନିକୁ) ଆଧାନ (ଶ୍ରେଷ୍ଠ ଯଜ୍ଞ) କାରୀ ଋତ୍ୱିକ୍ ମାନେ ଏଠାରେ ସ୍ଥାପିତ କଲେ |

ଯଂ ବିଭ୍ୱଂ ଚିତ୍ରଂ ବିଶେ ବିଶେ ଅପ୍ନବାନ: = ଏହି ବ୍ୟାପକ ବିଚିତ୍ର କର୍ମ କରୁଥିବା ଅଗ୍ନି କୁ ପ୍ରଜାଜନଙ୍କ ହିତ ଶକାସେ କର୍ମ କରୁଥିବା

ଭୃଗବ: ବନେଷୁ ବି ରୁରୁଚୁ: = ଭୃଗୁ ଆଦି ଋଷିମାନେ ବନରେ ବିଶେଷ ରୂପେ ପ୍ରଦୀପ୍ତ କରିଥିଲେ |

## ଶ୍ଲୋକ ୧୬

ଅସ୍ୟ ପ୍ରତ୍ନାମନୁ  ଦ୍ୟୁତ॑ó ଶୁକ୍ରଂ ଦୁଦୁ॑ହ୍ରେ  ଅହ୍ର॑ୟ: |

ପୟ॑: ସହସ୍ରସାମୃଷି॑ମ୍ ||୩-୧୬||

## ଶବ୍ଦାର୍ଥ

ଅସ୍ୟ = ଏହି ଅଗ୍ନିଦେବ ର, ପ୍ରତ୍ନାଂ = ପୁରାତନ, ଅନୁ = ଅନୁକୂଳ, ଦ୍ୟୁତଂ = ତେଜର, ଶୁକ୍ରଂ = ବୀର୍ଯ୍ୟ ବର୍ଧକ, ଶୁଦ୍ଧ, ଦୁଦୁହେ = ଦୋହନ କରିଛି, ଅହ୍ରୟ: = ଭୟ ସଂକୋଚ ରହିତ ଋତ୍ୱିକ୍ ମାନେ, ପୟ: = କ୍ଷୀର, ସହସ୍ରସାଂ = ହଜାର ହଜାର, ଋଷିମ୍ = ଋଷିତୁଲ୍ୟ ଗାଇ ମାନେ

## ଅନ୍ୱୟାର୍ଥ

ଅସ୍ୟ ପ୍ରତ୍ନାଂ ଦ୍ୟୁତଂ ଅନୁ ଅହ୍ରୟ:= ଏହି ଅଗ୍ନିଦେବଙ୍କର ପୁରାତନ ତେଜର ଅନୁକୂଳ ରେ ଥିବା ଭୟ ସଂକୋଚ ରହିତ ଋତ୍ୱିକ୍ ମାନେ

ସହସ୍ରସାଂ ଋଷିମ୍ ଶୁକ୍ରଂ ପୟ: ଦୁଦୁହେ = ହଜାର ହଜାର ଋଷିତୁଲ୍ୟ ଗାଇ ମାନେ ବୀର୍ଯ୍ୟ ବର୍ଧକ ଶୁଦ୍ଧ କ୍ଷୀର ଦୋହନ କରିଛନ୍ତି |

## ଶ୍ଲୋକ ୧୭

ତନୂପା ଅ॑ଗ୍ନେଽସି ତନ୍ୱଂ  ମେ ପାହ୍ୟାୟୁର୍ଦା ଅ॑ଗ୍ନେଽସ୍ୟାୟୁ॑ର୍ମେ ଦେହି ବର୍ଚୋଦା ଅ॑ଗ୍ନେଽସି  ବର୍ଚୋ॑ ମେ ଦେହି |

ଅଗ୍ନେ  ଯନ୍ମେ॑ ତନ୍ୱା  ଊନଂ ତନ୍ମ  ଆପୃ॑ଣ ||୩-୧୭||

## ଶବ୍ଦାର୍ଥ

ତନୂପା = (ତୁମେ) ଶରୀର ର ରକ୍ଷକ, ଅଗ୍ନେ = ହେ ଅଗ୍ନି ! ଅସି = ଅଟ, ତନ୍ୱଂ = ଶରୀର ର, ମେ = ମୋତେ, ପାହି = ରକ୍ଷା କର, ଆୟୁର୍ଦା = ଆୟୁ ଦାୟୀ, ଅଗ୍ନେ = ହେ ଅଗ୍ନି !, ଅସି = ଅଟ, ଆୟୁ: = ଆୟୁ, ମେ = ମୋତେ, ଦେହି = ଦିଅ, ବର୍ଚୋଦା = ତେଜ ଦାୟକ, ଅଗ୍ନେ = ହେ ଅଗ୍ନି !, ଅସି = ଅଟ, ବର୍ଚ: = ତେଜସ୍ୱିତା, ମେ = ମୋତେ, ଦେହି = ଦିଅ, ଅଗ୍ନେ = ହେ ଅଗ୍ନି !, ଯତ୍ = ଯେଉଁ, ମେ = ମୋତେ, ତନ୍ୱା = ଶରୀର ରେ, ଊନଂ = ଊଣା ଅଛି, ତତ୍ = ତାହା, ମେ = ମୋର, ଆ ପୃଣ = ପୂରଣ କର

# ଅନ୍ୱୟାର୍ଥ

ଅଗ୍ନେ = ହେ ଅଗ୍ନି !

ତନୁପା ଅସି = (ତୁମେ) ଶରୀର ର ରକ୍ଷକ ଅଟ |

ମେ ତନ୍ୱଂ ପାହି = ମୋ ଶରୀର ର ରକ୍ଷା କର |

ଅଗ୍ନେ ଆୟୁର୍ଦା ଅସି ମେ ଆୟୁ: ଦେହି = ହେ ଅଗ୍ନି ! ତୁମେ ଆୟୁ ଦାୟକ ଅଟ | ମୋତେ ଆୟୁ ଦିଅ |

ଅଗ୍ନେ ବର୍ଚୋଦା ଅସି ମେ ବର୍ଚ: ଦେହି = ହେ ଅଗ୍ନି ! (ତୁମେ) ତେଜ ଦାୟକ ଅଟ | ମୋତେ ତେଜସ୍ୱିତା ପ୍ରଦାନ କର |

ଅଗ୍ନେ ମେ ତନ୍ୱା ଯତ୍ ଊନଂ ତତ୍ ମେ ଆ ପୃଣ = ହେ ଅଗ୍ନି ! ମୋ ଶରୀର ରେ ଯଃଆ ବି ଊଣା ଅଛି ସେସବୁ ପୂରଣ କର |

# ଶ୍ଲୋକ ୧୮

ଇନ୍ଧା॑ନାସ୍ତ୍ୱା ଶ॒ତ ó ହିମା॑ ଦ୍ୟୁ॒ମନ୍ତ॒ ó ସମି॑ଧୀମହି |

ବୟ॑ସ୍ୱନ୍ତୋ ବୟ॑ସ୍କୃତ॒ ó ସହ॑ସ୍ୱନ୍ତ: ସହ॒ସ୍କୃତ॑ମ୍ |

ଅଗ୍ନେ॑ ସପତ୍ନ॒ଦମ୍ଭ॑ନ॒ମଦ॑ବ୍ଧାସୋ॒  ଅଦା॑ଭ୍ୟମ୍ |

ଚିତ୍ରା॑ବସୋ ସ୍ୱ॒ସ୍ତି ତେ॑ ପା॒ରମ॑ଶୀୟ ||୩-୧୮||

# ଶବ୍ଦାର୍ଥ

ଇନ୍ଧାନା: = ପ୍ରଦୀପ୍ତ କରି, ତ୍ୱା = ତୁମକୁ, ଶତଂ = ଶହେ, ହିମା: = ବର୍ଷ ଯାଏଁ, ଦ୍ୟୁମନ୍ତଂ = ତେଜସ୍ୱୀ, ସମିଧୀମହି = ପ୍ରଜ୍ୱଳିତ କରି ରଖିବୁ, ବୟସ୍ୱନ୍ତ: = ଅନ୍ନ ରେ ସମୃଦ୍ଧ, ବୟସ୍କୃତଂ = ଅନ୍ନ ସିଦ୍ଧ କରୁଥିବା, ସହସ୍ୱନ୍ତ: = ବଳବାନ, ସହସ୍କୃତମ୍ = ଭଳଶାଳୀ,

ଅଗ୍ନେ = ହେ ଅଗ୍ନି, ସପତ୍ନଦମ୍ଭନଂ = ଶତ୍ରୁ ନାଶକ, ଅଦବ୍ଧାସ: = ଅଦମ୍ୟ (ଆମେ), ଅଦାଭ୍ୟଂ = ଅଦମ୍ୟ (ତୁମକୁ), ଚିତ୍ରାବସୋ = ହେ ରାତ୍ରି !, ସ୍ୱସ୍ତି = କଲ୍ୟାଣ ସହିତ, ତେ = ତୁମର, ପାରଂ = ପାର, ଅଶୀୟ = ହୋଇ ଯାଉଁ

# ଅନ୍ୱୟାର୍ଥ

ଅଗ୍ନେ = ହେ ଅଗ୍ନି |

ବୟଷ୍ବନ୍ତ: ସହସ୍ବନ୍ତ: ଅଦଭ୍ଧାସ: = ଅନ୍ନ ରେ ସମୃଦ୍ଧ, ବଳବାନ ଅଦମ୍ୟ (ଆମେ)

ଦ୍ୟୁମନ୍ତଂ ବୟସ୍କୃତଂ ସହସ୍କୃତମ୍ ସପତ୍ନଦମ୍ଭନଂ ଅଦାଭ୍ୟଂ ତ୍ଵା = ତେଜସ୍ୱୀ, ଅନ୍ନ ସିଦ୍ଧ କରୁଥିବା, ଭଳଶାଳୀ, ଶତ୍ରୁ ନାଶକ ତଥା ଅଦମ୍ୟ ତୁମକୁ

ଇନ୍ଧାନା: ଶତଂ ହିମା: ସମିଧୀମହି = ପ୍ରଦୀପ୍ତ କରି ଶହେ ବର୍ଷ ଯାଏଁ ପ୍ରଜ୍ଵଳିତ କରି ରଖିବୁ |

ଚିତ୍ରାବସୋ ସ୍ୱସ୍ତି ତେ ପାରଂ ଅଶୀୟ = ହେ ରାତ୍ରି ! ଆମେ କଲ୍ୟାଣ ସହିତ ତୁମର ପାର ହୋଇ ଯାଉଁ |

# ଶ୍ଳୋକ ୧୯

ସଂ ତ୍ଵମ॑ଗ୍ନେ ସୂର୍ଯ୍ୟ॑ସ୍ୟ ବର୍ଚ॑ସାଗଥା: ସମୃଷୀ॑ଣାଠ ସ୍ତୁତେନ॑ |

ସଂ ପ୍ରିୟେଣ ଧାମ୍ନା ସମହମାୟୁ॑ଷା ସଂ ବର୍ଚ॑ସା ସଂ ପ୍ରଜୟା ସ ଠ ରାୟସ୍ପୋଷେ॑ଣ ଗ୍ମିଷୀୟ ||୩-୧୯||

# ଶବ୍ଦାର୍ଥ

ସଂ = ସହ, ତ୍ଵଂ = ତୁମେ, ଅଗ୍ନେ = ହେ ଅଗ୍ନି !, ସୂର୍ଯ୍ୟସ୍ୟ = ସୂର୍ଯ୍ୟର, ବର୍ଚସା = ତେଜ, ଅଗଥା: = ସଂଗତ ହୋଇଗଲା, ସଂ = ସହ, ଋଷୀଣାଂ = ଋଷିଙ୍କ, ସ୍ତୁତେନ = ସ୍ତୁତି, ସଂ = ସହ, ପ୍ରିୟେଣ = ପ୍ରିୟ, ଧାମ୍ନା = ଧାମ, ସଂ = ସହ, ଅହଂ = ମୁଁ, ଆୟୁଷା = ଆୟୁ, ସଂ = ସହ, ବର୍ଚସା = ତେଜ, ସଂ = ସହ, ପ୍ରଜୟା = ପ୍ରଜା, ସଂ = ସହ, ରାୟସ୍ପୋଷେଣ = ଧନ ଧାନ୍ୟ, ଗ୍ମିଷୀୟ = ଯୁକ୍ତ ହୋଇଛ

# ଅନ୍ଵୟାର୍ଥ

ଅଗ୍ନେ = ହେ ଅଗ୍ନି !

ତ୍ଵଂ ସୂର୍ଯ୍ୟସ୍ୟ ବର୍ଚସା ସଂ ଋଷୀଣାଂ ସ୍ତୁତେନ ସଂ ପ୍ରିୟେଣ ଧାମ୍ନା ସଂ ଅଗଥା: = ତୁମେ ସୂର୍ଯ୍ୟର ତେଜ ସହ ଋଷିଙ୍କ ସ୍ତୁତି ସହ ପ୍ରିୟ ଧାମ ସହ ସଂଗତ ହୋଇଯାଇଛ |

ଆୟୁଷା ସଂ ବର୍ଚସା ସଂ ପ୍ରଜୟା ସଂ ରାୟସ୍ପୋଷେଣ ସଂ ଗ୍ମିଷୀୟ = ଆୟୁ, ତେଜ, ପ୍ରଜା ତଥା ଧନ ଧାନ୍ୟ ସହ ଯୁକ୍ତ ହୋଇଛ |

# ଶ୍ଳୋକ ୨୦

ଅନ୍ଧ ସ୍ଥାନ୍ଧୋ॑ ବୋ ଭକ୍ଷୀୟ ମହ॑ ସ୍ଥ ମହୋ॑ ବୋ ଭକ୍ଷୀୟୋର୍ଜ ସ୍ଥୋର୍ଜଂ॑ ବୋ ଭକ୍ଷୀୟ ରାୟସ୍ପୋଷ॑ ସ୍ଥ ରାୟସ୍ପୋଷଂ॑ ବୋ ଭକ୍ଷୀୟ ||୩-

# ଶବ୍ଦାର୍ଥ

ଅନ୍ଧ: = ଅନ୍ନ, ସ୍ଥ = ଅଟ, ଅନ୍ଧ: = ଅନ୍ନ, ବ: = ତୁମର, ଭକ୍ଷୀୟ = ଖାଇବି, ମହ: = ପୂଜନୀୟତା, ସ୍ଥ = ଅଟ, ମହ: = ପୂଜନୀୟତା, ବ: = ତୁମଠୁ, ଭକ୍ଷୀୟ = ପ୍ରାପ୍ତ କରୁଁ, ଊର୍ଜ: = ଶକ୍ତି, ସ୍ଥ = ଅଟ, ଊର୍ଜଂ = ବଳ କୁ, ବ: = ତୁମଠୁ, ଭକ୍ଷୀୟ = ପ୍ରାପ୍ତ କରୁଁ, ରାୟସ୍ପୋଷ: = ଧନ ର ପୋଷକ, ସ୍ଥ = ଅଟ, ରାୟସ୍ପୋଷଂ = ଧନର ପୋଷଣ, ବ: = ତୁମଠୁ, ଭକ୍ଷୀୟ = ପ୍ରାପ୍ତ କରେ

# ଅନ୍ୱୟାର୍ଥ

ଅନ୍ଧ: ସ୍ଥ ବ: ଅନ୍ଧ: ଭକ୍ଷୀୟ = (ତୁମେ) ଅନ୍ନ ଅଟ | ତୁମର ଅନ୍ନ ମୁ ଖାଇବି |

ମହ: ସ୍ଥ ବ: ମହ: ଭକ୍ଷୀୟ = ପୂଜନୀୟତା ଅଟ | ମୁ ତୁମଠୁ ପୂଜନୀୟତା ପ୍ରାପ୍ତ କରିବି |

ଊର୍ଜ: ସ୍ଥ ବ: ଊର୍ଜଂ ଭକ୍ଷୀୟ = ଶକ୍ତି ଅଟ | ତୁମଠୁ ବଳ ପ୍ରାପ୍ତ କରିବି |

ରାୟସ୍ପୋଷ: ସ୍ଥ ବ: ରାୟସ୍ପୋଷଂ ଭକ୍ଷୀୟ = ଧନ ର ପୋଷକ ଅଟ | ମୁ ତୁମଠୁ ଧନର ପୋଷଣ ପ୍ରାପ୍ତ କରିବି |

# ଶ୍ଳୋକ ୨୧

ରେବ॑ତୀ॒ ରମ॑ଧ୍ୱମ॒ସ୍ମିନ୍ୟୋନା॑ବ॒ସ୍ମିନ୍ ଗୋ॒ଷ୍ଠେଽସ୍ମିଁ॒ଲ୍ଲୋ॒କେଽସ୍ମିନ୍ କ୍ଷୟେ॑ |

ଇହୈବ ସ୍ତ ମାପଗାତ ||୩-୨୧||

# ଶବ୍ଦାର୍ଥ

ରେବତୀ: = ହେ ଐଶ୍ୱର୍ଯ୍ୟମୟୀ ଗୋମାତା ! ରମଧ୍ୱଂ = ଆନନ୍ଦ ରେ ରୁହ, ଅସ୍ମିନ୍ = ଏହି, ଯୋନୌ = ସ୍ଥାନ ରେ, ଅସ୍ମିନ୍ = ଏହି, ଗୋଷ୍ଠେ = ଗୋଶାଳା ରେ, ଅସ୍ମିନ୍ = ଏହି, ଲୋକେ = ଦେଶ ରେ, ଅସ୍ମିନ୍ = ଏହି, କ୍ଷୟେ = ଘର ରେ, ଇହ = ଏହିଠାରେ, ଏବ = ହିଁ, ସ୍ତ = ରୁହ, ମା = ନା, ଅପଗାତ = ଦୂର କୁ ଯାଅ

# ଅନ୍ୱୟାର୍ଥ

ରେବତୀ: = ହେ ଐଶ୍ୱର୍ଯ୍ୟମୟୀ ଗୋମାତା !

ଅସ୍ମିନ୍ ଯୋନୌ ଅସ୍ମିନ୍ ଗୋଷ୍ଠେ ଅସ୍ମିନ୍ ଲୋକେ ଅସ୍ମିନ୍ କ୍ଷୟେ ରମଧ୍ୱଂ = ଏହି ସ୍ଥାନ ରେ, ଏହି ଗୋଶାଳା ରେ, ଏହି ଦେଶ ରେ, ଏହି ଘର ରେ ଆନନ୍ଦ ରେ ରୁହ |

ଇହ ଏବ ସ୍ତ ମା ଅପଗାତ = ଏହିଠାରେ ହିଁ ରୁହ, ଦୂର କୁ ଯାଅ ନାହିଁ |

## ଶ୍ଲୋକ ୨୨

ସ॒ό ହି॒ତାସି॑ ବିଶ୍ୱରୂ॒ପୂର୍ଜା ମାବି॑ଶ ଗୌପ॒ତ୍ୟେନ॑ |

ଉପ॑ ତ୍ୱାଗ୍ନେ ଦି॒ବେଦି॑ବେ॒ ଦୋଷା॑ବସ୍ତର୍ଦ୍ଧି॒ୟା ବ॒ୟମ୍ |

ନ॒ମୋ ଭର॑ନ୍ତ॒ ଏମ॑ସି ||୩-୨୨||

## ଶବ୍ଦାର୍ଥ

ସଂହିତା = ସଂଗଠନ କାରୀ, ଅସି = ଅଟ, ବିଶ୍ୱରୂପୀ = ଅନେକାନେକ ରୂପ ରେ, ଊର୍ଜା = (ହେ ଗୋମାତା !) ବଳଦାୟୀ ହୋଇ, ମା = ମୋ ଅନ୍ତରରେ,

ଆବିଶ = ପ୍ରବେଶ କର, ଗୌପତ୍ୟେନ = ଗୋ-ପାଳନ ଭାବ ନେଇ, ଉପ = ପାଖକୁ, ତ୍ୱା = ତୁମର, ଅଗ୍ନେ = ହେ ଅଗ୍ନି !, ଦିବେ ଦିବେ = ପ୍ରତିଦିନ, ଦୋଷାବସ୍ତ: = ରାତିଦିନ, ଧିୟା = ଶ୍ରାଦ୍ଧାପୂର୍ବକ ବୁଦ୍ଧି ଦ୍ୱାରା, ବୟମ୍ = ଆମେ ସମସ୍ତେ, ନମଃ = ନମସ୍କାର, ଭରନ୍ତ = କରି, ଏମସି = ଆସୁ

## ଅନ୍ୱୟାର୍ଥ

ବିଶ୍ୱରୂପୀ ସଂହିତା ଅସି = (ତୁମେ) ଅନେକାନେକ ରୂପ ରେ ସଂଗଠନ କାରୀ ଅଟ |

ଊର୍ଜା ଗୌପତ୍ୟେନ ମା ଆବିଶ = (ହେ ଗୋମାତା !) ବଳଦାୟୀ ହୋଇ ଗୋ-ପାଳନ ଭାବ ନେଇ ମୋ ଅନ୍ତରରେ ପ୍ରବେଶ କର |

ଅଗ୍ନେ = ହେ ଅଗ୍ନି !

ବୟମ୍ ଦିବେ ଦିବେ ଦୋଷାବସ୍ତ: ଧିୟା = ଆମେ ସମସ୍ତେ ପ୍ରତିଦିନ ରାତିଦିନ ଶ୍ରାଦ୍ଧାପୂର୍ବକ ବୁଦ୍ଧି ଦ୍ୱାରା

ନମଃ ଭରନ୍ତ ତ୍ୱା ଉପ ଏମସି = ନମସ୍କାର କରି ତୁମର ପାଖକୁ ଆସୁ |

# ଶ୍ଳୋକ ୨୩

ରାଜ॑ନ୍ତମଧ୍ୱ॒ରାଣାଂ॑ ଗୋ॒ପାମୃ॒ତସ୍ୟ॒ ଦୀଦି॑ବିମ୍ |

ବର୍ଧ॑ମାନ॒ଂ ସ୍ୱେ ଦମେ॑ ||୩-୨୩||

# ଶବ୍ଦାର୍ଥ

ରାଜନ୍ତଂ = ତେଜସ୍ୱୀ, ଅଧ୍ୱରାଣାଂ = ହିଂସାରହିତ ଯଜ୍ଞର, ଗୋପାଂ = ରକ୍ଷକ, ଋତସ୍ୟ = ସତ୍ୟ ର, ଦୀଦିବିମ୍ = ପ୍ରକାଶକ, ବର୍ଧମାନଂ = ବର୍ଧମାନ, ସ୍ୱେ = ନିଜର,ଦମେ = ଘରେ

# ଅନ୍ୱୟାର୍ଥ

ରାଜନ୍ତଂ ଅଧ୍ୱରାଣାଂ ଗୋପାଂ ଋତସ୍ୟ ଦୀଦିବିମ୍ ସ୍ୱେ ଦମେ ବର୍ଧମାନଂ = ତେଜସ୍ୱୀ, ହିଂସାରହିତ ଯଜ୍ଞର ରକ୍ଷକ, ସତ୍ୟ ର ପ୍ରକାଶକ ନିଜ ଘରେ ବର୍ଧମାନ (ଅଗ୍ନି କୁ ଆମେ ପ୍ରାପ୍ତ କରୁଛୁ) |

# ଶ୍ଳୋକ ୨୪

ସ ନଃ॑ ପି॒ତେବ॑ ସୂ॒ନବେଽଗ୍ନେ॑ ସୂପାୟ॒ନୋ ଭ॑ବ |

ସଚ॑ସ୍ୱା ନଃ ସ୍ୱ॒ସ୍ତୟେ॑ ||୩-୨୪||

# ଶବ୍ଦାର୍ଥ

ସଃ = ସେ, ନଃ = ଆମ ପାଇଁ, ପିତା ଇବ = ବାପା ଭଳି, ସୂନବେ = ପୁତ୍ର ପାଇଁ, ଅଗ୍ନେ = ହେ ଅଗ୍ନି, ସୂପାୟନଃ = ସୁଗମତା ଦ୍ୱାରା ପ୍ରାପ୍ତ, ଭବ = ହୁଅ, ସଚସ୍ୱ ଆ = ଆମ ସହ ରୁହ, ନଃ = ଆମ, ସ୍ୱସ୍ତୟେ = କଲ୍ୟାଣ ପାଇଁ

# ଅନ୍ୱୟାର୍ଥ

ଅଗ୍ନେ = ହେ ଅଗ୍ନି

ସ: ସୂନବେ ପିତା ଇବ = (ସେହି) ତୁମେ (ଯେ) ପୁତ୍ର ପାଇଁ ବାପା ଭଳି (ସୁଖଦାତା ଅଟ),

ନ: ସୂପାୟନ: ଭବ = ଆମ ପାଇଁ ସୁଗମତା ଦ୍ୱାରା ପ୍ରାପ୍ତ ହୁଅ,

ନ: ସ୍ୱସ୍ତୟେ ଆ ସଚସ୍ୱ = ଆମ କଲ୍ୟାଣ ପାଇଁ ଆମ ସହ ରୁହ |

# ଶ୍ଳୋକ ୨୫

ଅଗ୍ନେ ତ୍ୱଂ ନୋ ଅନ୍ତମ ଉତ ତ୍ରାତା ଶିବୋ ଭବା ବରୁଥ୍ୟ: |

ବସୁରଗ୍ନିର୍ବସୁଶ୍ରବା ଅଚ୍ଛା ନକ୍ଷି ଦ୍ୟୁମତ୍ତମ ó ରୟିଂ ଦା: ||୩-୨୫||

# ଶବ୍ଦାର୍ଥ

ଅଗ୍ନେ = ହେ ଅଗ୍ନି !, ତ୍ୱଂ = ତୁମେ, ନ: = ଆମର, ଅନ୍ତମ: = ପାଖରେ ରହେ ଯେ, ଉତ = ଆଉ, ତ୍ରାତା = ରକ୍ଷକ, ଶିବ: = କଲ୍ୟାଣକାରୀ, ଭବା = ହେଉ, ବରୁଥ୍ୟ: = ହିତକାରୀ ମିତ୍ର, ବସୁ: = ବସୁ, ଅଗ୍ନି: = ଅଗ୍ନି, ବସୁଶ୍ରବା: = ଯଶସ୍ୱୀ ଅଗ୍ନି, ଅଛ = ଆମ ପାଖରେ, ଆ ନକ୍ଷି = ରହୁ, ଦ୍ୟୁମତ୍ତମଂ = ତେଜସ୍ୱୀ, ରୟିଂ = ଧନ, ଦା: = ଦେଉ

# ଅନ୍ୱୟାର୍ଥ

ଅଗ୍ନେ = ହେ ଅଗ୍ନି !

ତ୍ୱଂ ନ: ଅନ୍ତମ: ଉତ ତ୍ରାତା ଶିବ: ବରୁଥ୍ୟ: ଭବା = ତୁମେ ଆମର ସମୀପବର୍ତ୍ତୀ, ରକ୍ଷକ, କଲ୍ୟାଣକାରୀ ଓ ହିତକାରୀ ମିତ୍ର ହୁଅ |

ବସୁ: ଅଗ୍ନି: ବସୁଶ୍ରବା: ଅଚ୍ଛ ଆ ନକ୍ଷି = ଆମ ପ୍ରକାଶ ଦେବ ଯଶସ୍ୱୀ ଅଗ୍ନି ଆମ ପାଖରେ ରହୁ ଓ

ଦ୍ୟୁମତ୍ତମଂ ରୟିଂ ଦା: = ତେଜସ୍ୱୀ ଧନ ଦେଉ |

# ଶ୍ଳୋକ ୨୬

ତଂ ତ୍ୱା ଶୋଚିଷ୍ଠ ଦୀଦିବ: ସୁମ୍ନାୟ ନୂନମୀମହେ ସଖିଭ୍ୟ: |

ସ ନୋ ବୋଧି ଶ୍ରୁଧୀ ହବମୁରୁଷ୍ୟା ଣୋ ଅଘାୟତ: ସମସ୍ମାତ୍ ||୩-୨୬||

# ଶବ୍ଦାର୍ଥ

ତଂ = ଏହି, ତ୍ୱା = ତୁମକୁ, ଶୋଚିଷ୍ଠ = ତେଜସ୍ୱୀ, ଦୀଦିବ: = କାନ୍ତିମାନ (ହେ ଅଗ୍ନି !), ସୁମ୍ନାୟ = ସୁଖପାଇଁ, ନୂନଂ = ନିଶ୍ଚୟ, ଈମହେ = ପ୍ରାପ୍ତ କରୁଛୁ, ସଖିଭ୍ୟ: = ମିତ୍ରଙ୍କ ହିତ ପାଇଁ, ସ: = ସେ, ନ: = ଆମକୁ, ବୋଧି = ଜାଣ, ଶ୍ରୁଧୀ = ଶୁଣନ୍ତୁ, ହବଂ = ଆମ ଡାକ, ଉରୁଷ୍ୟା = ରକ୍ଷା କର, ନ: = ଆମର, ଅଘାୟତ: = ପାପୀଙ୍କ ଠାରୁ, ସମସ୍ମାତ୍ ସମସ୍ତ

# ଅନ୍ୱୟାର୍ଥ

ଶୋଚିଷ୍ଠ ଦୀଦିବ: = ତେଜସ୍ୱୀ, କାନ୍ତିମାନ (ହେ ଅଗ୍ନି !)

ତଂ ତ୍ୱା ନୂନଂ ସୁମ୍ନାୟ ସଖିଭ୍ୟ: ଈମହେ = ଆମେ ନିଶ୍ଚୟ ହିଁ ସୁଖପାଇଁ ଓ ମିତ୍ରଙ୍କ ହିତ ପାଇଁ ତୁମକୁ ପ୍ରାପ୍ତ କରୁଛୁ |

ସ: ନ: ବୋଧି ହବଂ ଶ୍ରୁଧୀ = ତୁମେ ଆମକୁ ଜାଣିଥାଅ | ଆମ ଡାକଶୁଣ |

ସମସ୍ମାତ୍ ଅଘାୟତ: ନ: ଉରୁଷ୍ୟା = ସମସ୍ତ ପାପୀଙ୍କ ଠାରୁ ଆମକୁ ରକ୍ଷା କର |

# ଶ୍ଲୋକ ୨୭

ଇଡ॒ ଏହ୍ୟଦି॑ତ॒ ଏହି॒ କା॒ମ୍ୟା॒ ଏତ॑ | ମୟି॑ ବ: କା॒ମ॒ଧର॑ାଣଂ ଭୂୟାତ୍ ||୩-୨୭||

# ଶବ୍ଦାର୍ଥ

ଇଡ = ଅନ୍ନ (ରୂପୀ ଗାଇ), ଏହି = ଏଠାକୁ ଆସ, ଅଦିତି = ହେ ଅଦୀନ କରୁଥିବା ଗାଇ !, ଏହି = ଏଠାକୁ ଆସ, କାମ୍ୟା = ହେ ସମସ୍ତଙ୍କ କମ୍ୟ (ଗାଇ) !, ଏତ = ଏଠାକୁ ଆସ, ମୟି = ମୋତେ, ବ: = ତୁମର, କାମଧରଣଂ = କାମନା ପୂରଣ କରିପାରୁଥିବା ଶକ୍ତି, ଭୂୟାତ୍ = ପ୍ରାପ୍ତ ହେଉ

# ଅନ୍ୱୟାର୍ଥ

ଇଡ ଏହି ଅଦିତି ଏହି କାମ୍ୟା ଏତ = ହେ ଅନ୍ନ (ରୂପୀ ଗାଇ) ! ଏଠାକୁ ଆସ | ହେ ଅଦୀନ କରୁଥିବା ଗାଇ ! ଏଠାକୁ ଆସ | ହେ ସମସ୍ତଙ୍କ କମ୍ୟ (ଗାଇ) ! ଏଠାକୁ ଆସ |

ବ: କାମଧରଣଂ ମୟି ଭୂୟାତ୍ = ତୁମର କାମନା ପୂରଣ କରିପାରୁଥିବା ଶକ୍ତି ମୋତେ ପ୍ରାପ୍ତ ହେଉ |

# ଶ୍ଳୋକ ୨୮

ସୋ॒ମାନ॒ଂ ସ୍ୱର॑ଣଂ କୃ॒ଣୁ॒ହି ବ୍ର॑ହ୍ମଣସ୍ପତେ | କ॒କ୍ଷିବ॑ନ୍ତ॒ଂ ଯ ଔ॑ଶି॒ଜ: ||୩-୨୮||

# ଶବ୍ଦାର୍ଥ

ସୋମାନଂ = ସୋମରସ ତିଆର କରୁଥିବା ଲୋକକୁ, ସ୍ୱରଣଂ = (ସୁ + ଅରଣଂ) ଉତ୍ତମ ପ୍ରଗତି ଯୁକ୍ତ, କୃଣୁହି = କର, ବ୍ରହ୍ମଣସ୍ପତେ = ହେ ଜ୍ଞାନର ସ୍ୱାମୀ ପରମାତ୍ମନ୍ !, କକ୍ଷିବନ୍ତଂ = କକ୍ଷୀବାନ କୁ (କରିଥିଲ), ଯଃ = ଯେପରି, ଔଶିଜ: = ଉଷିକ୍ ର ପୁତ୍ର

# ଅନ୍ୱୟାର୍ଥ

ବ୍ରହ୍ମଣସ୍ପତେ = ହେ ଜ୍ଞାନର ସ୍ୱାମୀ ପରମାତ୍ମନ୍ !

ଯଃ ଔଶିଜ: କକ୍ଷିବନ୍ତଂ = ଯେପରି ଉଷିକ୍ ର ପୁତ୍ର କକ୍ଷୀବାନ କୁ (କରିଥିଲ),

ସୋମାନଂ ସ୍ୱରଣଂ କୃଣୁହି = (ସେପରି) ସୋମରସ ତିଆର କରୁଥିବା ଲୋକକୁ (ସୁ + ଅରଣଂ) ଉତ୍ତମ ପ୍ରଗତି ଯୁକ୍ତ କର |

# ଶ୍ଳୋକ ୨୯

ଯୋ ରେ॒ବାନ୍ୟୋ ଅ॑ମୀବ॒ହା ବ॑ସୁ॒ବିତ୍ପୁ॑ଷ୍ଟି॒ବର୍ଦ୍ଧ॑ନ: | ସ ନ॑: ସିଷକ୍ତୁ॒ ଯସ୍ତୁ॒ର: ||୩-୨୯||

# ଶବ୍ଦାର୍ଥ

ଯ: = ଯେ, ରେବାନ୍ = ଧନବାନ, ଯ: = ଯେ, ଅମୀବହା = ରୋଗନାଶକ, ବସୁବିତ୍ = ଧନସମ୍ପନ୍ନ ଅଟେ, ପୁଷ୍ଟିବର୍ଦ୍ଧନ: = ପୋଷଣକାରୀ, ସ: = ସେ, ନ: = ଆମର, ସିଷକ୍ତୁ = ପାଖରେ ରହୁ, ଯ: = ଯେ, ତୁର: = ଶୀଘ୍ର କାର୍ଯ୍ୟ ସମ୍ପନ୍ନ କରେ ଯେ

# ଅନ୍ୱୟାର୍ଥ

ଯ: ରେବାନ୍ ଯ: ଅମୀବହା ବସୁବିତ୍ ପୁଷ୍ଟିବର୍ଦ୍ଧନ: ଯ: ତୁର: ସ: ନ: ସିଷକ୍ତୁ = ଯେ ଧନବାନ, ରୋଗନାଶକ, ଧନସମ୍ପନ୍ନ, ପୋଷଣକାରୀ ତଥା ଯେ ଶୀଘ୍ର କାର୍ଯ୍ୟ ସମ୍ପନ୍ନ କରି ପାରେ, ସେ ଆମର ପାଖରେ ରହୁ |

# ଶ୍ଲୋକ ୩୦

ମା ନ॒: ଶ ꣳ ସୋ॒ ଅ॑ରରୁଷୋ ଧ॒ଉର୍ତି: ପ୍ର॒ଣ॒ଙ୍ ମର୍ତ୍ୟ॑ସ୍ୟ | ରକ୍ଷା॑ ଣୋ ବ୍ରହ୍ମଣସ୍ପତେ ||୩-୩୦||

# ଶବ୍ଦାର୍ଥ

ମା = ନା, ନ: = ଆମର, ଶଂସ: = ଅପଶବ୍ଦ (ଅଭିଶାପ), ଅରରୁଷ: = ହିଂସାକାରୀ, ଧୂର୍ତି: = କପଟ, ପ୍ରଣକ୍ = ଆସୁ, ମର୍ତ୍ୟସ୍ୟ = ଘାତକ ଶତ୍ରୁ ର, ରକ୍ଷ = ରକ୍ଷାକର, ନ: = ଆମର, ବ୍ରହ୍ମଣସ୍ପତେ = ହେ ଜ୍ଞାନର ସ୍ୱାମୀ ପରମାତ୍ମନ୍ !

# ଅନ୍ୱୟାର୍ଥ

ବ୍ରହ୍ମଣସ୍ପତେ = ହେ ଜ୍ଞାନର ସ୍ୱାମୀ ପରମାତ୍ମନ୍ !

ଅରରୁଷ: ମର୍ତ୍ୟସ୍ୟ ଶଂସ: ଧୂର୍ତି: ନ: ମା ପ୍ରଣକ୍ = ହିଂସାକାରୀ, ଘାତକ ଶତ୍ରୁ ର ଅପଶବ୍ଦ, ଅଭିଶାପ, କପଟ ଆଦି ଆମର ପାଖକୁ ନ ଆସୁ |

ନ: ରକ୍ଷ = ଆମର ରକ୍ଷାକର |

# ଶ୍ଲୋକ ୩୧

ମହି॑ ତ୍ରୀ॒ଣାମବୋ॑ଽସ୍ତୁ ଦ୍ୟୁ॒କ୍ଷଂ ମି॒ତ୍ରସ୍ୟା॑ର୍ଯ॒ମ୍ଣ: | ଦୁ॒ରା॒ଧର୍ଷ॒ଂ ବରୁ॑ଣସ୍ୟ ||୩-୩୧||

# ଶବ୍ଦାର୍ଥ

ମହି = ମହାନ୍, ତ୍ରୀଣାଂ = ତିନି ଲୋକ ର, ଅବ: = ଆମର ରକ୍ଷା, ଅସ୍ତୁ = ହୋଇ ଯାଉ, ଦ୍ୟୁକ୍ଷଂ = ତେଜସ୍ୱୀ, ମିତ୍ରସ୍ୟ = ମିତ୍ର (ଆତ୍ମା)ର, ଅର୍ଯମ୍ଣ: = ଅର୍ଯ୍ୟମା (ହୃଦୟ) ର, ଦୁରାଧର୍ଷଂ = ଦୁରାଧର୍ଷ, ବରୁଣସ୍ୟ = ବରୁଣ ର

# ଅନ୍ୱୟାର୍ଥ

ମିତ୍ରସ୍ୟ ଅର୍ଯମ୍ଣ: ବରୁଣସ୍ୟ ତ୍ରୀଣାଂ ମହି ଦ୍ୟୁକ୍ଷଂ ଦୁରାଧର୍ଷଂ = ମିତ୍ର (ଆତ୍ମା), ଅର୍ଯ୍ୟମା (ହୃଦୟ), ବରୁଣ ତଥା ତିନି ଲୋକ ର ମହାନ୍, ତେଜସ୍ୱୀ,

ଦୁରାଧର୍ଷ ଓ ଅମୋଘ ସଂରକ୍ଷଣ ଆମକୁ ମିଳୁ |

## ଶ୍ଳୋକ ୩୨

ନ॒ହି ତେଷା॑ମ॒ମା ଚ॒ନ ନାଧ୍ୱ॑ସୁ ବାର॒ଣେଷ୍ୱୁ॑ | ଈଶେ॑ ରି॒ପୁର॒ଘଶ॑ꣳସ: ||୩-୩୨||

## ଶବ୍ଦାର୍ଥ

ନହି = ଅଭିଭୂତ (ଭଶୀଭୂତ), ତେଷାଂ = ସେମାନଙ୍କୁ, ଅମା = ଘର ରେ, ଚନ = କୌଣସୀ ପ୍ରକାରେ, ନ = ନା, ଅଧ୍ୱସୁ = ମାର୍ଗ ରେ, ବାରଣେଷୁ = ଦୁର୍ଗମ ସ୍ଥାନରେ, ଈଶେ = ସମର୍ଥ, ରିପୁ: = ଶତ୍ରୁ, ଅଘଶଂସ: = ପାପୀ

## ଅନ୍ୱୟାର୍ଥ

ଅଘଶଂସ: ରିପୁ: ତେଷାଂ ଅମା ଅଧ୍ୱସୁ ବାରଣେଷୁ ଚନ ନହି ନ ଈଶେ = ପାପୀ ଶତ୍ରୁ ମାନେ ସେମାନଙ୍କୁ (ମିତ୍ର, ଅର୍ଯ୍ୟମନ୍ ତଥା ବରୁଣ ଦ୍ୱାରା ସଂରକ୍ଷିତ ଯଜମାନଙ୍କୁ) ଘରେ, ମାର୍ଗ ରେ ଓ ଦୁର୍ଗମ ସ୍ଥାନରେ କୌଣସୀ ପ୍ରକାରେ ଅଭିଭୂତ (ଭଶୀଭୂତ) କରିବାରେ ସମର୍ଥ ନ ହୁଅନ୍ତୁ |

## ଶ୍ଳୋକ ୩୩

ତେ ହି ପୁ॒ତ୍ରାସୋ॒ ଅଦି॑ତେ॒: ପ୍ର ଜୀ॒ବସେ॒ ମର୍ତ୍ୟା॑ୟ | ଜ୍ୟୋତି॒ର୍ଯଚ୍ଛ॒ନ୍ତ୍ୟଜ॑ସ୍ରମ୍ ||୩-୩୩||

## ଶବ୍ଦାର୍ଥ

ତେ = ସେମାନେ, ହି = ହି!ଂ, ପୁତ୍ରାସ: = ପୁତ୍ର, ଅଦିତେ: = ଅଦିତି ର, ପ୍ର = (ଉପସର୍ଗ), ଜୀବସେ = ଦୀର୍ଘଜୀବନ ପାଇଁ, ମର୍ତ୍ୟାୟ = ମନୁଷ୍ୟ କୁ, ଜ୍ୟୋତି: = ତେଜ, ଯଚ୍ଛନ୍ତି = ଦିଅନ୍ତି, ଅଜସ୍ରମ୍ = ଅବିଚ୍ଛିନ୍ନ

## ଅନ୍ୱୟାର୍ଥ

ତେ ହି ଅଦିତି: ପୁତ୍ରାସ: ମର୍ତ୍ୟାୟ ଜୀବସେ ଅଜସ୍ରମ୍ ଜ୍ୟୋତି: ପ୍ରଯଚ୍ଛନ୍ତି = ସେମାନେ ହି!ଂ (ଅଦିତି ର ପୁତ୍ର ମାନେ - ମିତ୍ର, ଅର୍ଯ୍ୟମନ୍ ତଥା ବରୁଣ) ମନୁଷ୍ୟ କୁ ଦୀର୍ଘଜୀବନ ପାଇଁ ଅବିଚ୍ଛିନ୍ନ ତେଜ ଦିଅନ୍ତି |

# ଶ୍ଲୋକ ୩୪

କ୍ଦା ଚ୍ନ ସ୍ତରୀର୍‍ସି ନେନ୍ଦ୍ର୍ ସଶ୍ଚସି ଦ୍ରାଶୁଷେ୍ |

ଉପୋ୍ପେନ୍ନୁ ମ୍‍ଘବ୍ନ୍ ଭୂୟ୍ ଇନ୍ନୁ ତେ୍ ଦାନଂ୍ ଦେ୍ବସ୍ୟ୍ ପୃଚ୍ୟତେ ||୩-୩୪||

# ଶବ୍ଦାର୍ଥ

କଦାଚନ = କେବେ ବି, ସ୍ତରୀ: = ବନ୍ଧ୍ୟା ଗାଇ ପରି ନିଷ୍ଫଳ, ଅସି = ଅଟେ, ନ = ନା, ଇନ୍ଦ୍ର = ହେ ଇନ୍ଦ୍ର, ସଶ୍ଚସି = ଅନୁକୂଳ ହୁଏ, ଦାଶୁଷେ = ଦାତା (ଇନ୍ଦ୍ର), ଉପ = (ଉପସର୍ଗ), ଉପ = (ଉପସର୍ଗ), ଇନ୍ନୁ = ବହୁତ ଦାନ (ଦେଲାବାଲା କୁ) ଶୀଘ୍ର ପ୍ରାପ୍ତ ହୋଇଥାଏ, ମଘବନ୍ = ହେ ଧନର ସ୍ୱାମୀ ଇନ୍ଦ୍ର !, ଭୂୟ: = ବହୁତ, ଇନ୍ନୁ = ବହୁତ ମାତ୍ରା ରେ, ତେ = ତୁମେ, ଦାନଂ = ଦାନ, ଦେବସ୍ୟ = ଦେବତାଙ୍କ, ପୃଚ୍ୟତେ = ପ୍ରାପ୍ତ ହୁଏ

# ଅନ୍ଵୟାର୍ଥ

ଇନ୍ଦ୍ର = ହେ ଇନ୍ଦ୍ର !

କଦାଚନ ସ୍ତରୀ: ନ ଅସି = (ତୁମେ) କେବେ ବି ବନ୍ଧ୍ୟା ଗାଇ ପରି ନିଷ୍ଫଳ ନୁହ |

ଦାଶୁଷେ ଇନ୍ନୁ ଉପ ସଶ୍ଚସି = ଦାତା (ଇନ୍ଦ୍ର) ବହୁତ ଦାନ (ଦେଲାବାଲା କୁ) ଶୀଘ୍ର ଅନୁକୂଳ ହୁଅନ୍ତି |

ମଘବନ୍ ଦେବସ୍ୟ ତେ ଦାନଂ ଭୂୟ: ଇନ୍ନୁ ଉପପୃଚ୍ୟତେ = ହେ ଧନର ସ୍ୱାମୀ ଇନ୍ଦ୍ର ! ତୁମକୁ ଦେବତାଙ୍କ ଦାନ ବହୁତ ମାତ୍ରା ରେ ପ୍ରାପ୍ତ ହୁଏ |

# ଶ୍ଲୋକ ୩୫

ତତ୍ସ୍‍ବି୍ତୁର୍ବରେ୍ଣ୍ୟଂ୍ ଭର୍ଗୋ୍ ଦେ୍ବସ୍ୟ୍ ଧୀମହି | ଧି୍ୟୋ୍ ଯୋ ନ୍‍: ପ୍ରଚୋ୍ଦୟା୍‍ତ୍ ||୩-୩୫||

# ଶବ୍ଦାର୍ଥ

ତତ୍ = ସେହି, ସବିତୁ: = ସମସ୍ତଙ୍କ ପ୍ରସବିତା ସବିତା, ବରେଣ୍ୟଂ = ଶ୍ରେଷ୍ଠ, ଭର୍ଗ: = ତେଜ, ଦେବସ୍ୟ = ଦେବତାଙ୍କ, ଧୀମହି = ଆମେ ଜାଣୁ ଓ ଧ୍ୟାନ କରୁ, ଧିୟ: = ବୁଦ୍ଧି ର, ଯ: = ଯେ, ନ: = ଆମର, ପ୍ରଚୋଦୟାତ୍ = ପ୍ରେରଣା ପ୍ରଦାନ କରନ୍ତି

# ଅନ୍ୱୟାର୍ଥ

ସବିତୁ: ଦେବସ୍ୟ ତତ୍ ବରେଣ୍ୟଂ ଭର୍ଗ: ଧୀମହି ଯ: ନ: ଧିୟ: ପ୍ରଚୋଦୟାତ୍ = ସମସ୍ତଙ୍କ ପ୍ରସବିତା ସବିତା ଦେବତାଙ୍କ ସେହି ଶ୍ରେଷ୍ଠ ତେଜ କୁ ଆମେ ଜାଣୁ ଓ ଧ୍ୟାନ କରୁ ଯେ ଆମର ବୁଦ୍ଧି କୁ ପ୍ରେରଣା ପ୍ରଦାନ କରନ୍ତି (ସନ୍ମାର୍ଗରେ ସଂଚାଳନ କରନ୍ତି) |

# ଶ୍ଳୋକ ୩୬

ପରି॑ ତେ ଦୁ॒ଡଭୋ॒ ରଥୋ॒ଽସ୍ମାଁ ଅ॑ଶ୍ନୋତୁ ବି॒ଶ୍ୱତ॑ଃ | ଯେନ॒ ରକ୍ଷ॑ସି ଦା॒ଶୁଷ॑: ||୩-୩୬||

# ଶବ୍ଦାର୍ଥ

ପରି = ଦିଗ, ତେ = ସେମାନେ, ଦୁଡଭ: = ଅଦମ୍ୟ, ରଥ: = ରଥ, ଅସ୍ମାନ୍ = ଆମକୁ, ଅଶ୍ନୋତୁ = ରହୁ, ବିଶ୍ୱତ: ଚତୁର୍ଦିଗରେ, ଯେନ = ଯାହା ଦ୍ୱାରା, ରକ୍ଷସି = ରକ୍ଷା କର, ଦାଶୁଷ: = ଦାତା ଙ୍କ

# ଅନ୍ୱୟାର୍ଥ

ତେ ଦୁଡଭ: ରଥ: ଯେନ ଦାଶୁଷ: ରକ୍ଷସି ଅସ୍ମାନ୍ ବିଶ୍ୱତ: ପରି = (ତୁମର) ଅଦମ୍ୟ ରଥ ଯାହା ଦ୍ୱାରା (ତୁମେ) ଦାତା ଙ୍କ ରକ୍ଷା କର, (ତାହା) ଆମକୁ ଚତୁର୍ଦିଗରୁ ରକ୍ଷା କରୁ |

# ଶ୍ଳୋକ ୩୭

ଭୂର୍ଭୁବ॒: ସ୍ୱ॒: ସୁପ୍ର॒ଜା: ପ୍ର॒ଜାଭି॑: ସ୍ୟାꣳ ସୁ॒ବୀରୋ॑ ବୀ॒ରୈ: ସୁ॒ପୋଷ॒: ପୋଷୈ॑: |

ନର୍ଯ୍ୟ॑ ପ୍ର॒ଜାଂ ମେ॑ ପାହି॒ ଶ ꣳସ୍ୟ॑ ପ୍ର॒ଶୂନ୍ମେ॑ ପ୍ରା॒ହ୍ୟଥା॑ର୍ଯ୍ୟ ପି॒ତୁଂ ମେ॑ ପାହି ||୩-୩୭||

# ଶବ୍ଦାର୍ଥ

ଭୂ: = ସତ୍, ଭୁବ: = ଚିତ୍, ସ୍ୱ: = ଆନନ୍ଦ, ସୁପ୍ରଜା: = ସୁନ୍ଦର ସମ୍ପତ୍ତି ର ଅଧିକାରୀ, ପ୍ରଜାଭି: = ପ୍ରଜାଙ୍କ ମଧ୍ୟରେ, ସ୍ୟାଂ = ହୋଇଯାଏ, ସୁବୀର: = ଉତ୍ତମ ବୀର, ବୀରୈ: = ବୀର ମାନଙ୍କ ମଧ୍ୟରେ, ସୁପୋଷ: = ଉତ୍ତମ ପୋଷକ (ଅନ୍ନଯୁକ୍ତ), ପୋଷୈ: = ପୁଷ୍ଟି ମଧ୍ୟରେ, ନର୍ଯ୍ୟ = ହେ

ମାନବଙ୍କ ହିତକାରୀ !, ପ୍ରଜାଂ = ସନ୍ତାନଙ୍କ, ମେ = ମୋର, ପାହି = ରକ୍ଷା କର, ଶଂସ୍ୟ = ହେ ପ୍ରଶଂସାଯୋଗ୍ୟ !, ପଶୁନ୍ = ପଶୁ ମାନଙ୍କୁ, ମେ = ମୋର, ପାହି = ରକ୍ଷା କର, ଅଥର୍ଯ = ହେ ଗତିବାନ !, ପିତୁଂ = ପାଳକ ଅନ୍ନ କୁ, ମେ = ମୋର, ପାହି = ରକ୍ଷା କର

# ଅନ୍ୱୟାର୍ଥ

ଭୂ: ଭୁବ: ସ୍ୱ: = ହେ ସତ୍ ଚିତ୍ ଆନନ୍ଦ (ସ୍ୱରୂପ ପରମାତ୍ମନ !)

ପ୍ରଜାଭି: ସୁପ୍ରଜା: = ପ୍ରଜାଙ୍କ ମଧ୍ୟରେ ସୁନ୍ଦର ସମ୍ପତ୍ତି ର ଅଧିକାରୀ,

ବୀରୈ: ସୁବୀର: = ବୀର ମାନଙ୍କ ମଧ୍ୟରେ ଉତ୍ତମ ବୀର,

ପୋଷୈ: ସୁପୋଷ: = ପୁଷ୍ଟି ମଧ୍ୟରେ ଉତ୍ତମ ପୋଷକ (ଅନ୍ନଯୁକ୍ତ)

ସ୍ୟାଂ = ମୁ ହୋଇଯାଏ |

ନର୍ଯ୍ୟ = ହେ ମାନବଙ୍କ ହିତକାରୀ !

ମେ ପ୍ରଜାଂ ପାହି = ମୋର ସନ୍ତାନଙ୍କ ରକ୍ଷା କର |

ଶଂସ୍ୟ = ହେ ପ୍ରଶଂସାଯୋଗ୍ୟ !

ମେ ପଶୁନ୍ ପାହି = ମୋର ପଶୁ ମାନଙ୍କୁ ରକ୍ଷା କର |

ଅଥର୍ଯ = ହେ ଗତିବାନ !

ମେ ପିତୁଂ ପାହି = ମୋର ପାଳକ ଅନ୍ନ କୁ ରକ୍ଷା କର |

# ଶ୍ଲୋକ ୩୮

ଆ ଗ॑ନ୍ମ ବି॒ଶ୍ୱବେ॑ଦସମ॒ସ୍ମଭ୍ୟଂ॑ ବସୁ॒ବିତ୍ତ॑ମମ୍ |

ଅଗ୍ନେ॑ ସମ୍ରା॒ଡଭି ଦ୍ୟୁ॒ମ୍ନମ॒ଭି ସହ॒ ଆ ଯ॑ଚ୍ଛସ୍ୱ ||୩-୩୮||

# ଶବ୍ଦାର୍ଥ

ଆ = (ଉପସର୍ଗ), ଗନ୍ମ = ଆସୁ, ବିଶ୍ୱବେଦସଂ = ସର୍ବଜ୍ଞ, ଅସ୍ମଭ୍ୟଂ = ଆମ ପାଇଁ, ବସୁବିତ୍ତମମ୍ = ଧନ ପ୍ରାପ୍ତ କାରୀ, ଅଗ୍ନେ = ଅଗ୍ନିଦେବ !, ସମ୍ରାଟ୍ = ତେଜସ୍ୱୀ, ଅଭି = (ଉପସର୍ଗ) - ପାଖକୁ, ଦ୍ୟୁମ୍ନଂ = ବଳ, ଅଭି = (ଉପସର୍ଗ), ସହ = ସହ, ଆ ଯଚ୍ଛସ୍ୱ = ପ୍ରଦାନ କର

# ଅନ୍ୱୟାର୍ଥ

ସମ୍ରାଟ୍ ଅଗ୍ନେ = ହେ ତେଜସ୍ୱୀ ଅଗ୍ନିଦେବ !

ବିଶ୍ୱବେଦସଂ ଅସ୍ମଭ୍ୟଂ ବସୁବିତ୍ତମମ୍ = (ତୁମେ) ସର୍ବଜ୍ଞ ଓ ଆମ ପାଇଁ ଧନ ପ୍ରାପ୍ତ କାରୀ (ଅଟ) |

ଅଭି ଆଗନ୍ମ = ତୁମରି ପାଖକୁ ହିଁ ଆମେ ଆସୁ |

ଦ୍ୟୁମ୍ନଂ ସହ ଅଭି ଆ ଯଚ୍ଛସ୍ୱ = ସବୁ ଦିଗରୁ ବଳ ସହ ବିସ୍ତାରଯୁକ୍ତ ତେଜ ଆମକୁ ପ୍ରଦାନ କର |

# ଶ୍ଳୋକ ୩୯

ଅ॒ୟମ॒ଗ୍ନିର୍ଗୃହପ॑ତି॒ର୍ଗାର୍ହ॑ପତ୍ୟ: ପ୍ର॒ଜାୟା॑ ବସୁ॒ବିତ୍ତ॑ମ: |

ଅଗ୍ନେ॑ ଗୃହପତେ॒ଽଭି ଦ୍ୟୁ॒ମ୍ନମ॒ଭି ସହ॒  ଆ ୟ॑ଚ୍ଛସ୍ୱ ||୩-୩୯||

# ଶବ୍ଦାର୍ଥ

ଅୟଂ = ଏହି, ଅଗ୍ନି: = ଅଗ୍ନି ହିଁ, ଗୃହପତି: = ଘରର ସ୍ୱାମୀ, ଗାର୍ହପତ୍ୟ: = ଗାର୍ହପତ୍ୟ ନାମକ, ପ୍ରଜାୟା: = ପ୍ରଜା ମାନଙ୍କୁ, ବସୁବିତ୍ତମ: = ଧନଦାୟୀ, ଅଗ୍ନେ = ହେ ଅଗ୍ନି !, ଗୃହପତେ = ହେ ଘରର ସ୍ୱାମୀ, ଅଭି = ତେଜରେ, ଦ୍ୟୁମ୍ନଂ = ବଳ, ଅଭି = ଉପସର୍ଗ, ସହ = ସହ, ଆ = ଆମକୁ, ଯଚ୍ଛସ୍ୱ = ପ୍ରଦାନ କର

# ଅନ୍ୱୟାର୍ଥ

ଅୟଂ ଗାର୍ହପତ୍ୟ: ଅଗ୍ନି: ଗୃହପତି: = ଏହି ଗାର୍ହପତ୍ୟ ନାମକ ଅଗ୍ନି ହିଁ ଘରର ସ୍ୱାମୀ (ଅଟେ) |

ପ୍ରଜାୟା: ବସୁବିତ୍ତମ: = (ସେ) ପ୍ରଜା ମାନଙ୍କୁ ଧନ ଦେଇଥାଏ |

ଗୃହପତେ ଅଗ୍ନେ = ହେ ଘରର ସ୍ୱାମୀ ଅଗ୍ନି !

ଦ୍ୟୁମ୍ନଂ ସହ ଅଭି ଆ ଅଭିଯଚ୍ଛସ୍ୱ = ବଳ ସହ ତେଜ ଆମକୁ ପ୍ରଦାନ କର |

# ଶ୍ଳୋକ ୪୦

ଅୟମଗ୍ନି: ପୁରୀଷ୍ୟୋ ରୟିମାନ୍ ପୁଷ୍ଟିବର୍ଧନ: |

ଅଗ୍ନେ ପୁରୀଷ୍ୟାଭି ଦ୍ୟୁମ୍ନମଭି ସହ ଆ ଯଚ୍ଛସ୍ୱ ||୩-୪୦||

# ଶବ୍ଦାର୍ଥ

ଅୟଂ = ଏହି, ଅଗ୍ନି: = ଅଗ୍ନି, ପୁରୀଷ୍ୟ: = ପୃଥିବୀ ପୃଷ୍ଠରେ ବାସ କରୁଥିବା, ରୟିମାନ୍ = ଧନବାନ, ପୁଷ୍ଟିବର୍ଧନ: ପୁଷ୍ଟି ବୃଦ୍ଧିକାରୀ, ଅଗ୍ନେ = ହେ ଅଗ୍ନି !, ପୁରୀଷ୍ୟ = ପୃଥିବୀ ନିବାସୀ, ଅଭି ଦ୍ୟୁମ୍ନଂ = ତେଜ ଯୁକ୍ତ ବଳ, ଅଭି ସହ = ସହ, ଆ ଯଚ୍ଛସ୍ୱ = ପ୍ରଦାନ କର

# ଅନ୍ୱୟାର୍ଥ

ଅୟଂ ପୁରୀଷ୍ୟ: ଅଗ୍ନି: ରୟିମାନ୍ ପୁଷ୍ଟିବର୍ଧନ: = ପୃଥିବୀ ପୃଷ୍ଠରେ ଥିବା ଏହି ଅଗ୍ନି ଧନବାନ ତଥା ପୁଷ୍ଟି ବର୍ଦ୍ଧକ ଅଟେ |

ପୁରୀଷ୍ୟ ଅଗ୍ନେ = ହେ ପୃଥିବୀ ନିବାସୀ ଅଗ୍ନି !

ଅଭି ସହ ଦ୍ୟୁମ୍ନଂ ଆ ଯଚ୍ଛସ୍ୱ = ତେଜ ଯୁକ୍ତ ବଳ ପ୍ରଦାନ କର |

# ଶ୍ଳୋକ ୪୧

ଗୃହା ମା ବିଭୀତ ମା ବେପଧ୍ୱମୂର୍ଜଂ ବିଭ୍ରତ ଏମସି |

ଊର୍ଜଂ ବିଭ୍ରଦ୍ୱ: ସୁମନା: ସୁମେଧା ଗୃହାନୈମି ମନସା ମୋଦମାନ: ||୩-୪୧||

# ଶବ୍ଦାର୍ଥ

ଗୃହା: = ହେ ଗୃହ ନିବାସୀ ମନେ !, ମା = ନାହିଁ, ବିଭୀତ = ଡର, ମା - ନାହିଁ, ବେପଧ୍ୱଂ = କମ୍ପିତ ହୁଅ, ଊର୍ଜଂ = ବଳକୁ, ବିଭ୍ରତ = ଧାରକ, ଏମସି = ଆମେ ତୁମ ପାଖକୁ ଆସୁଛୁ, ଊର୍ଜଂ = ବଳକୁ, ବିଭ୍ରତ୍ = ଧାରକ, ବ: = ତୁମ, ସୁମନା: = ଉତ୍ତମ ମନ ର ଅଧିକାରୀ, ସୁମେଧା: = ଉତ୍ତମ ମେଧା ର ଅଧିକାରୀ, ଗୃହାନ୍ = ଗୃହକୁ, ଐମି = ପ୍ରାପ୍ତ ହୋଇ ଯାଉଛି, ମନସା = ମନରେ, ମୋଦମାନ: = ପ୍ରସନ୍ନ ହୋଇ

# ଅନ୍ୱୟାର୍ଥ

ଗୃହା: ମା ବିଭୀତ ମା ବେପଧ୍ୱଂ = ହେ ଗୃହ ନିବାସୀ ମନେ ! ଡର ନାହିଁ, (ଭୟଭୀତ ହୋଇ) କମ୍ପିତ ହୁଅ ନାହିଁ |

ଊର୍ଜଂ ବିଭ୍ରତ ଏମସି = ହେ ବଳ ର ଧାରକ ! ଆମେ ତୁମ ପାଖକୁ ଆସୁଛୁ |

ଊର୍ଜଂ ବିଭ୍ରତ୍ ସୁମନା: ମନସା ମୋଦମାନ: ବ: ଗୃହାନ୍ ଐମି = ବଳ, ଉତ୍ତମ ମନ ଓ ଉତ୍ତମ ମେଧା ର ଅଧିକାରୀ (ମୁଁ) ପ୍ରସନ୍ନ ଚିତ୍ତରେ

ତୁମ ଗୃହକୁ ପ୍ରାପ୍ତ ହୋଇ ଯାଉଛି |

# ଶ୍ଳୋକ ୪୨

ଯେଷା॑ମ॒ଧ୍ୟେତି॑ ପ୍ର॒ବସ॒ନ୍ୟେଷୁ॑ ସୌମନ॒ସୋ ବ॒ହୁ: |

ଗୃ॒ହାନୁପ॑ହ୍ୱୟାମ॒ହେ ତେ ନୋ॑ ଜାନନ୍ତୁ ଜାନ॒ତ: ||୩-୪୨||

# ଶବ୍ଦାର୍ଥ

ଯେଷାଂ = ଯେଉଁ ବିଷୟରେ, ଅଧ୍ୟେତି = ବିଶେଷ ଧ୍ୟାନ ରଖୁଁ, ପ୍ରବସନ୍ = ଯାତ୍ରା ବା ପ୍ରାବାସ ରେ ଯିବା ବେଳେ (ଆମେ), ଯେଷୁ = ଯେଉଁ ବିଷୟରେ, ସୌମନସ: = ପ୍ରୀତି, ବହୁ: = ବହୁତ, ଗୃହାନ୍ = ଘରକୁ, ଉପହ୍ୱୟାମହେ = ହର୍ଷିତ କରୁଁ, ତେ= ସେ (ଗୃହବାସୀ), ନ: = ଆମର, ଜାନନ୍ତୁ = ଜାଣନ୍ତୁ, ଜାନତ: = ଜ୍ଞାତା

# ଅନ୍ୱୟାର୍ଥ

ପ୍ରବସନ୍ ଯେଷାଂ ଅଧ୍ୟେତି = ଯାତ୍ରା ବା ପ୍ରାବାସ ରେ ଯିବା ବେଳେ (ଆମେ) ଯେଉଁ ବିଷୟରେ ବିଶେଷ ଧ୍ୟାନ ରଖୁଁ,

ଯେଷୁ ବହୁ: ସୌମନସ: = ଯେଉଁ ବିଷୟରେ ଆମର ବହୁତ ପ୍ରୀତି ଥାଏ,

(ତାନ୍) ଗୃହାନ୍ ଉପହ୍ୱୟାମହେ = ସେହି ଘରକୁ (ଆମେ) ହର୍ଷିତ କରୁଁ |

ଜାନତ: ତେ ନ: ଜାନନ୍ତୁ = ସେ ଜ୍ଞାତା ସେ ଗୃହବାସୀ ଆମର ଏଇ ଭାବକୁ ଜାଣନ୍ତୁ |

# ଶ୍ଳୋକ ୪୩

ଉପା॑ହୂତା ଇ॒ହ ଗାବ॒ ଉପା॑ହୂତା ଅ॒ଜାବୟଃ॑ |

ଅ॒ଥୋ ଅନ୍ନ॑ସ୍ୟ କୀ॒ଲାଲ॒ ଉପା॑ହୂତୋ ଗୃ॒ହେଷୁ॑ ନ: |

କ୍ଷେମା॑ୟ ବ॒: ଶା॒ନ୍ତ୍ୟୈ ପ୍ରପା॑ଦ୍ୟେ ଶି॒ବ ଠ ଶ॒ଗ୍ମ ଠ ଶ॒ଂୟୋ: ଶ॒ଂୟୋ: ||୩-୪୩||

# ଶବ୍ଦାର୍ଥ

ଉପହୂତା: = ସମ୍ମାନପୂର୍ବକ ଡକା ଯାଇଛନ୍ତି, ଇହ = ଏଠାରେ, ଗାବ: = ଗାଇ, ଉପହୂତା: = ସମ୍ମାନପୂର୍ବକ ଡକା ଯାଇଛନ୍ତି, ଅଜାବୟ: = ଛେଳି-ମେଣ୍ଢା, ଅଥୋ = ଓ, ଅନ୍ନସ୍ୟ = ଅନ୍ନର, କୀଲାଳ = ରସ, ଉପହୂତ: = ଅଣା ଯାଇଛି, ଗୃହେଷୁ = ଘରକୁ, ନ: = ଆମର, କ୍ଷେମାୟ = କଲ୍ୟାଣ ପାଇଁ, ବ: = ତୁମ (ଗାଇ) ମାନଙ୍କୁ, ଶାନ୍ତ୍ୟୈ = ଶାନ୍ତି ପାଇଁ, ପ୍ରପଦ୍ୟେ = ପ୍ରାପ୍ତ କରୁଛୁ, ଶିବଂ = ମଙ୍ଗଳ, ଶଗ୍ମଂ = ପ୍ରାପ୍ତି ହେଉ, ଶଂୟୋ: = ସୁଖ, ଶଂୟୋ: = ସୁଖ

# ଅନ୍ୱୟାର୍ଥ

ଇହ ନ: ଗୃହେଷୁ ଗାବ: ଉପହୂତା: ଅଜାବୟ: ଉପହୂତା: ଅଥୋ ଅନ୍ନସ୍ୟ କୀଲାଳ ଉପହୂତ: = ଏଠାରେ ଆମର ଘରକୁ ଗାଇ-ଛେଳି-ମେଣ୍ଢା ସମ୍ମାନପୂର୍ବକ ଡକା ଯାଇଛନ୍ତି ଓ ଅନ୍ନର ରସ ଅଣା ଯାଇଛି |

କ୍ଷେମାୟ ଶାନ୍ତ୍ୟୈ ବ: ପ୍ରପଦ୍ୟେ = କଲ୍ୟାଣ ପାଇଁ, ଶାନ୍ତି ପାଇଁ ତୁମ (ଗାଇ) ମାନଙ୍କୁ ପ୍ରାପ୍ତ କରୁଛୁ |

ଶଂୟୋ: ଶିବଂ ଶଂୟୋ: ଶଗ୍ମଂ = ସୁଖ ଶାନ୍ତି ପାଇଁ ମୋତେ ସୁଖ ପ୍ରାପ୍ତି ହେଉ |

# ଶ୍ଲୋକ ୪୪

ପ୍ର॒ଘା॒ସିନୋ॑ ହବାମହେ ମ॒ରୁତ॑ଶ୍ଚ ରି॒ଶାଦ॑ସ: |

କ॒ର॒ମ୍ଭେଣ॑ ସ॒ଜୋଷ॑ସ: ||୩-୪୪|

# ଶବ୍ଦାର୍ଥ

ପ୍ରଘାସିନ: = ବହୁତ ଭକ୍ଷଣ କରୁଥିବା, ହବାମହେ = ଆମେ ଆହ୍ୱାନ କରୁଛୁ, ମରୁତ: = ମରୁତ୍ ଗଣ ଙ୍କୁ, ଚ = ଓ, ରିଶାଦସ: = ଶତ୍ରୁଙ୍କ ବିନାଶ କାରୀ, କରମ୍ଭେଣ = ଦଧି ମିଶ୍ରିତ ଛତୁଆ ଗ୍ରହଣ ପାଇଁ, ସଜୋଷସ: = ପ୍ରିତି କରୁଥିବା

# ଅନ୍ୱୟାର୍ଥ

ରିଶାଦସ: ସଜୋପସ: ପ୍ରଧାସିନ: ଚ ମରୁତ: କରମ୍ଭେଣ ହବାମହେ = ଶତ୍ରୁଙ୍କ ବିନାଶ କରୁଥିବା, ପ୍ରିତି କରୁଥିବା ଓ ବହୁତ ଭକ୍ଷଣ କରୁଥିବା ମରୁତ୍ ଗଣ ଙ୍କୁ ଦଧି ମିଶ୍ରିତ ଛତୁଆ ଗ୍ରହଣ ପାଇଁ ଆମେ ଆହ୍ୱାନ କରୁଛୁ |

# ଶ୍ଲୋକ ୪୫

ଯଦ୍ଗ୍ରାମେ ଯଦରଣ୍ୟେ ଯତ୍ସଭାୟାଂ ଯଦିନ୍ଦ୍ରିୟେ |

ଯଦେନଶ୍ଚକୃମା ବୟମିଦଂ ତଦବୟଜାମହେ ସ୍ୱାହା ||୩-୪୫||

# ଶବ୍ଦାର୍ଥ

ଯତ୍ = ଯେଉଁ, ଗ୍ରାମେ = ଗାଁ ରେ, ଯତ୍ = ଯେଉଁ, ଅରଣ୍ୟେ = ବଣରେ, ଯତ୍ = ଯେଉଁ, ସଭାୟାଂ = ସଭାରେ, ଯତ୍ = ଯେଉଁ, ଇନ୍ଦ୍ରିୟେ = ଇନ୍ଦ୍ରିୟ ସମ୍ବନ୍ଧ ରେ, ଯତ୍ = ଯେଉଁ, ଏନ: = ପାପ, ଚକୃମ = କରିଛୁ, ଆ = (ଉପସର୍ଗ), ବୟଂ = ଆମେ, ଇଦଂ = ଏହି, ତତ୍ = ସେହି (ପାପକୁ), ଅବ = ଦୂର, ଯଜାମହେ = କରୁଛୁ, ସ୍ୱାହା = (ସୁ+ଆହ) ଏହା ଠିକ ବୋଲି କୁହା ଯାଇଛି

# ଅନ୍ୱୟାର୍ଥ

ଯତ୍ ଗ୍ରାମେ ଯତ୍ ଅରଣ୍ୟେ ଯତ୍ ସଭାୟାଂ ଯତ୍ ଇନ୍ଦ୍ରିୟେ ଯତ୍ ଏନ: ଚକୃମ ତତ୍ ଇଦଂ ଅବ ଯଜାମହେ = ଯେଉଁ ଗାଁ ରେ, ଯେଉଁ ବଣରେ, ଯେଉଁ ସଭାରେ ଯେଉଁ ଇନ୍ଦ୍ରିୟ ସମ୍ବନ୍ଧ ରେ ଯେଉଁ ପାପ (ଆମେ) କରିଛୁ, ସେହି (ପାପକୁ) ଏହି (ଯଜନ ଦ୍ୱାରା) ଦୂର କରୁଛୁ |

ସ୍ୱାହା = (ସୁ+ଆହ) ଏହା ଠିକ ବୋଲି କୁହା ଯାଇଛି |

# ଶ୍ଲୋକ ୪୬

ମୋ ଷୂ ଣୋ ଇନ୍ଦ୍ରାତ୍ର ପୃତ୍ସୁ ଦେବୈରସ୍ତି ହି ଷ୍ମା ତେ ଶୁଷ୍ମିନ୍ନବୟା: |

ମହଶ୍ଚିଦ୍ୟସ୍ୟ ମୀଢୁଷୋ ଯବ୍ୟା ହବିଷ୍ମତୋ ମରୁତୋ ବନ୍ଦତେ ଗୀ: ||୩-୪୬||

# ଶବ୍ଦାର୍ଥ

ମୋ = ନାଶ କର ନୀହିଁ, ସୁ = ରକ୍ଷା କର, ନ: = ଆମର, ଇନ୍ଦ୍ର = ଇନ୍ଦ୍ର ଦେବ !, ଅତ୍ର = ଏଠାରେ, ପୃତ୍ସୁ = ସଂଗ୍ରାମରେ, ଦେବୈ: = ଦେବତାଙ୍କ ସହ ରହୁଥିବା, ଅସ୍ତି = ଅଛି, ହି = ହିଁ, ସ୍ମ = ଅଟ, ତେ = ତୁମେ, ଶୁଷ୍ମିନ୍ = ବଳବାନ, ଅବ ୟା: ହି = ଜ୍ଞାନୀ, ମହ: = ମାହାତ୍ମ୍ୟ, ଚିତ୍ = ନିଶ୍ଚୟ, ୟସ୍ୟ = ଯାହାର, ମୀଢୁଷ: = ବୃଷ୍ଟି କରାଇବା ଲୋକ, ଯବ୍ୟା: = ଯବ ଧାନ ରୁ ପ୍ରସ୍ତୁତ ଭୋଜ୍ୟ ପଦାର୍ଥ ପରି ସେବନ ଯୋଗ୍ୟ, ହବିଷ୍ମତ: = ହବନୀୟ ଦ୍ରବ୍ୟ ଗ୍ରହଣ କରୁଥିବା (ଇନ୍ଦ୍ରଦେବ) ଙ୍କ, ମରୁତ: = ମରୁତଙ୍କ, ବନ୍ଦତେ = ବନ୍ଦନା କରୁଛୁ, ଗୀ: = ବାଣିଦ୍ୱାରା

# ଅନ୍ୱୟାର୍ଥ

ଶୁଷ୍ମିନ୍ ଇନ୍ଦ୍ର = ହେ ବଳବାନ ଇନ୍ଦ୍ର ଦେବ !

ଅତ୍ର ପୃତ୍ସୁ ଦେବୈ: ନ: ସୁ ମୋ ତେ ଅବ ୟା: ହି ସ୍ମ ମୀଢୁଷ: = ଏଠାରେ (ଏହି) ସଂଗ୍ରାମରେ ଦେବତାଙ୍କ ସହ ରହୁଥିବା ଆମର ରକ୍ଷା କର - ନାଶ କର ନୀହିଁ ଯେହେତୁ ତୁମେ ଜ୍ଞାନୀ ଓ ବୃଷ୍ଟି କାରକ ଅଟ |

ହବିଷ୍ମତ: ମହ: ଚିତ୍ ଯବ୍ୟା: ଅସ୍ତି = ହବନୀୟ ଦ୍ରବ୍ୟ ଗ୍ରହଣ କରୁଥିବା (ଇନ୍ଦ୍ରଦେବ) ଙ୍କ ମାହାତ୍ମ୍ୟ ନିଶ୍ଚୟ ଯବ ଧାନ ରୁ ପ୍ରସ୍ତୁତ ଭୋଜ୍ୟ ପଦାର୍ଥ ପରି ସେବନ ଯୋଗ୍ୟ ଅଟେ |

ଗୀ: ମରୁତ: ବନ୍ଦତେ = ବାଣିଦ୍ୱାରା ମରୁତଙ୍କ ବନ୍ଦନା କରୁଛୁ |

# ଶ୍ଳୋକ ୪୭

ଅକ୍ର॒ନ୍ କର୍ମ॑ କର୍ମ॒କୃତ॑: ସ॒ହ ବା॒ଚା ମ॑ୟୋ॒ଭୁବା॑ |

ଦେ॒ବେଭ୍ୟ॒: କର୍ମ॑ କୃ॒ତ୍ୱାସ୍ତଂ॒ ପ୍ରେତ॑ ସଚାଭୁବ: ||୩-୪୭||

# ଶବ୍ଦାର୍ଥ

ଅକ୍ରନ୍ = କରନ୍ତୁ, କର୍ମ = କର୍ମ, କର୍ମକୃତ: = କର୍ମ କରୁଥିବା ଲୋକ, ସହ = ସହ, ବାଚା = ବାଣୀ ସହ, ମୟୋଭୁବା = ସୁଖଦାୟୀ, ଦେବେଭ୍ୟ: = ଦେବତାଙ୍କ ପାଇଁ, କର୍ମ = କର୍ମ, କୃତ୍ୱା = କରି, ଅସ୍ତଂ = ନିଜ ଘର ପ୍ରତି, ପ୍ରେତ = ଯାଅ, ସଚାଭୁବ: = ହେ ସାଥୀ !

# ଅନ୍ୱୟାର୍ଥ

କର୍ମକୃତ: ମୟୋଭୁବା ବାଚା ସହ କର୍ମ ଅକ୍ରନ୍ = କର୍ମ କରୁଥିବା ଲୋକେ ସୁଖଦାୟୀ ବାଣୀ ସହ କର୍ମ କରି ଚାଲନ୍ତୁ |

ସଚାଭୁବ: ଦେବେଭ୍ୟ: କର୍ମ କୃତ୍ୱା ଅସ୍ତଂ ପ୍ରେତ = ହେ ସାଥୀ ! ଦେବତାଙ୍କ ପାଇଁ କର୍ମ କରି ନିଜ ଘରକୁ ଯାଅ |

# ଶ୍ଲୋକ ୪୮

ଅବ॑ଭୃଥ ନିଚୁମ୍ପୁଣ ନିଚେରୁର॑ସି ନିଚୁମ୍ପୁଣ: |

ଅବ॑ ଦେବୈର୍ଦେବକୃ॑ତମେନୋ॑ଽୟାସିଷମବ ମର୍ତ୍ତ୍ୟୈର୍ମର୍ତ୍ୟ॑କୃତଂ ପୁରୁରାବ୍ଣୋ॑ ଦେବ ରିଷସ୍ପା॑ହି ||୩-୪୮||

# ଶବ୍ଦାର୍ଥ

ଅବଭୃଥ = ସ୍ନାନ ଯୋଗ୍ୟ ଜଳାଶୟ, ନିଚୁମ୍ପୁଣ = ହେ ମନ୍ଦଗତିରେ ପ୍ରବହମାନ, ନିଚେରୁ: = ନିମ୍ନ ଭଗରେ ତୀବ୍ର ଗତିରେ ପ୍ରବହମାନ, ଅସି = ହୋଇ ଯାଅ, ନିଚୁମ୍ପୁଣ: = ମନ୍ଦଗତିରେ ପ୍ରବହମାନ, ଅବ =ଦୂରକୁ, ଦେବୈ: = ଇନ୍ଦ୍ରିୟ ଦ୍ୱାରା, ଦେବକୃତଂ = ଇନ୍ଦ୍ରିୟ ସମ୍ବନ୍ଧିତ, ଏନ: = ପାପର, ୟାସିଷଂ = ହଟେଇ ଦେଉଛି, ଅବ = ଦୂରକୁ, ମର୍ତ୍ତ୍ୟୈ: = ମନୁଷ୍ୟ ଦ୍ୱାରା (କୃତ), ମର୍ତ୍ୟକୃତଂ (ଏନ:) = ମନୁଷ୍ୟକୃତ ପାପ, ପୁରୁରାବ୍ଣ: = ବହୁତ ଦୁ:ଖଦାୟୀ, ଦେବ = ହେ ଦେବ !, ରିଷ: = ଶତ୍ରୁଙ୍କ ଠାରୁ, ପାହି = ରକ୍ଷା କର

# ଅନ୍ୱୟାର୍ଥ

ନିଚୁମ୍ପୁଣ ଅବଭୃଥ = ହେ ମନ୍ଦଗତିରେ ପ୍ରବହମାନ ତଥା ସ୍ନାନ-ଯୋଗ୍ୟ ଜଳାଶୟ !

ନିଚେରୁ: ନିଚୁମ୍ପୁଣ: ଅସି = ନିମ୍ନ ଭଗରେ ତୀବ୍ର ଗତିରେ ପ୍ରବହମାନ (ଜଳ) ଏଠାରେ ମନ୍ଦଗତିରେ ପ୍ରବହମାନ ହୋଇ ଯାଅ

ଦେବୈ: ଦେବକୃତଂ ଏନ: ଅବ ୟାସିଷଂ = ଇନ୍ଦ୍ରିୟ ଦ୍ୱାରା ଇନ୍ଦ୍ରିୟ ସମ୍ବନ୍ଧିତ ପାପକୁ ମୁ ଦୂର କରି ଦେଉଛି |

ମର୍ତ୍ତ୍ୟୈ: ମର୍ତ୍ୟକୃତଂ (ଏନ:) ଅବ (ୟାସିଷଂ) = ମନୁଷ୍ୟ ଦ୍ୱାରା (କୃତ) ପାପକୁ ମୁ ଦୂର କରି ଦେଉଛି |

ଦେବ ପୁରୁରାବ୍ଣ: ରିଷ: ପାହି = ହେ ଦେବ ! ବହୁତ ଦୁ:ଖଦାୟୀ ଶତ୍ରୁଙ୍କ ଠାରୁ ରକ୍ଷା କର |

# ଶ୍ଲୋକ ୪୯

ପୂର୍ଣା ଦ॑ର୍ବି ପରା॑ ପତ ସୁପୂ॑ର୍ଣା ପୁନରା ପ॑ତ |

ବସ୍ନେବ ବିକ୍ରୀ॑ଣାବହା ଇଷମୂର୍ଜ॑ଂ ଶତକ୍ରତୋ ||୩-୪୯||

## ଶବ୍ଦାର୍ଥ

ପୂର୍ଣା = ପୂର୍ଣ ହୋଇ, ଦର୍ବି = ଦର୍ବି, ପରା = ଦୂରକୁ, ପତ = ଯାଅ, ସୁପୂର୍ଣା = ଭଲଭାବେ ପୂର୍ଣ, ପୁନ: = ପୁଣି, ଆପତ = ଏଠାକୁ ଆସ, ବସ୍ନା = ମୂଲ୍ୟ ଦେଇ ବସ୍ତୁ କିଣିବା, ଇବ = ପରି, ବିକ୍ରୀଣାବହୈ = ବିକିବୁ, ଇଷଂ = ଅନ୍ନ, ଉର୍ଜଂ = ରସକୁ, ଶତକ୍ରତୋ = ହେ ଯଜ୍ଞକର୍ତା (ଇନ୍ଦ୍ର) !

## ଅନ୍ବୟାର୍ଥ

ଦର୍ବି = ହେ ଦର୍ବି!

ପୂର୍ଣା ପରା ପତ ପୁନ: ସୁପୂର୍ଣା ଆପତ = (ତୁମେ) ପୂର୍ଣ ହୋଇ ଦୂରକୁ ଯାଅ ପୁଣି ଭଲଭାବେ ପୂର୍ଣ ହୋଇ ଏଠାକୁ ଆସ |

ଶତକ୍ରତୋ = ଶହ ଶହ ଯଜ୍ଞକର୍ତା ହେ ଇନ୍ଦ୍ର !

ବସ୍ନା ଇବ ଇଷଂ ଉର୍ଜଂ ବିକ୍ରୀଣାବହୈ = ମୂଲ୍ୟ ଦେଇ ବସ୍ତୁ କିଣିବା ପରି ଅନ୍ନ ଓ ରସକୁ (ଆମେ ପରସ୍ପର ମଧ୍ୟରେ) କିଣା-ବିକା କରିବା |

## ଶ୍ଲୋକ ୫୦

ଦେ॒ହି ମେ॒ ଦଦା॑ମି ତେ॒ ନି ମେ॑ ଢେହି॒ ନି ତ ଦଧେ |

ନି॒ହାରଂ॑ ଚ॒ ହରା॑ସି ମେ ନି॒ହାରଂ॒ ନି ହ॑ରାଣି ତେ॒ ସ୍ୱାହା॑ ||୩-୫୦||

## ଶବ୍ଦାର୍ଥ

ଦେହି = ଦିଅ, ମେ = ମୋତେ, ଦଦାମି = ଦେଉଛି, ତେ = ତୁମକୁ, ନି = (ଉପସର୍ଗ), ମେ = ମୋତେ, ଢେହି = ପ୍ରଦାନ କର, ନି = (ଉପସର୍ଗ), ତେ = ତୁମକୁ, ଦଧେ = ପ୍ରଦାନ କରୁଛି, ନିହାରଂ = କ୍ରୟ ଯୋଗ୍ୟ ପଦାର୍ଥ, ଚ = ଓ, ହରାସି = ପ୍ରଦାନ କର, ମେ = ମୋତେ, ନିହାରଂ = କ୍ରୟ ଯୋଗ୍ୟ ପଦାର୍ଥ, ନି = (ଉପସର୍ଗ), ହରାଣି= ଦେଉଛି, ତେ = ତୁମକୁ, ସ୍ୱାହା = ସମର୍ପିତ କରୁଛି

## ଅନ୍ବୟାର୍ଥ

ମେ ଦେହି ତେ ଦଦାମି = (ହେ ଦେବ !) ମୋତେ ଦିଅ, (ମୁ) ତୁମକୁ ଦେଉଛି |

ମେ ନିଢେହି ତେ ନିଦଧେ = (ହେ ଦେବ !) ମୋତେ ପ୍ରଦାନ କର, (ମୁ) ତୁମକୁ ପ୍ରଦାନ କରୁଛି |

ନିହାରଂ ମେ ହରାସି ନିହାରଂ ତେ ନିହରାଣି ଚ ସ୍ୱାହା = (ହେ ଦେବ !) କ୍ରୟ ଯୋଗ୍ୟ ପଦାର୍ଥ ମୋତେ ପ୍ରଦାନ କର, ମୁ ତୁମକୁ କ୍ରୟ ଯୋଗ୍ୟ ପଦାର୍ଥ ଦେଉଛି ଓ ସମର୍ପିତ କରୁଛି |

## ଶ୍ଲୋକ ୫୧

ଅକ୍ଷ॒ନ୍ନମିମ॑ଦନ୍ତ॒ ହ୍ୟବ॑ ପ୍ରି॒ୟା ଅ॑ଧୂଷତ |

ଅସ୍ତୋ॑ଷତ॒ ସ୍ୱଭା॑ନବୋ॒ ବିପ୍ରା॒ ନବି॑ଷ୍ଠୟା ମ॒ତୀ ଯୋଜା॒ ନ୍ୱି॒ନ୍ଦ୍ର ତେ॒ ହରୀ॑ ||୩-୫୧||

## ଶବ୍ଦାର୍ଥ

ଅକ୍ଷନ୍ = ଅନ୍ନ ଖାଇ, ଅମିମଦନ୍ତ = ଆନନ୍ଦିତ ହେଲି, ହି = ବି, ଅବ = (ଉପସର୍ଗ), ପ୍ରିୟା: = ସଂତୁଷ୍ଟ ହୋଇ, ଅଧୂଷତ = ମୁଣ୍ଡ ହଲାଇଲି, ଅସ୍ତୋଷତ = ସ୍ତୁତି ଆରମ୍ଭ କଲେ, ସ୍ୱଭାନବ: = ଆତ୍ମତେଜ ଯୁକ୍ତ, ବିପ୍ରା: = ଜ୍ଞାନୀ ଜନ, ନବିଷ୍ଠୟା = ନବୀନ, ମତୀ = ବୁଦ୍ଧି ଦ୍ୱାରା, ଯୋଜ = ଜୋତ, ଆ = (ଉପସର୍ଗ), ନୁ = (ଉପସର୍ଗ), ଇନ୍ଦ୍ର = ହେ ଇନ୍ଦ୍ର !, ତେ = ତୁମେ, ହରୀ = (ନିଜ) ଘୋଡା

## ଅନ୍ୱୟାର୍ଥ

ଅକ୍ଷନ୍ ଅମିମଦନ୍ତ ପ୍ରିୟା: ହି ଅବ ଅଧୂଷତ = ଅନ୍ନ ଖାଇ ଆନନ୍ଦିତ ହେଲି, ସଂତୁଷ୍ଟ ହୋଇ ମୁଣ୍ଡ ବି ହଲେଇଲି |

ସ୍ୱଭାନବ: ବିପ୍ରା: ନବିଷ୍ଠୟା ମତୀ ଅସ୍ତୋଷତ = ଆତ୍ମତେଜ ଯୁକ୍ତ ଜ୍ଞାନୀ ଜନ ନବୀନ ବୁଦ୍ଧି ଦ୍ୱାରା ସ୍ତୁତି ଆରମ୍ଭ କଲେ |

ଇନ୍ଦ୍ର ତେ ହରୀ ଆ ନୁ ଯୋଜା = ହେ ଇନ୍ଦ୍ର ! ତୁମେ (ନିଜ) ଘୋଡା ଜୋତ |

## ଶ୍ଲୋକ ୫୨

ସୁ॒ସ॒ନ୍ଦୃଶଂ॑ ତ୍ୱା ବ॒ୟଂ ମଘ॑ବନ୍ବନ୍ଦିଷୀ॒ମହି॑ |

ପ୍ର ନୂ॒ନଂ ପୂ॒ର୍ଣବ॑ନ୍ଧୁର ସ୍ତୁ॒ତୋ ଯା॑ସି॒ ବଶାଁ॒ ଅନୁ॒ ଯୋଜା॒ ନ୍ୱି॒ନ୍ଦ୍ର ତେ॒ ହରୀ॑ ||୩-୫୨||

## ଶବ୍ଦାର୍ଥ

ସୁସନ୍ଦୃଶଂ = ଉତ୍ତମ ଦର୍ଶନୀୟ, ତ୍ୱା = ତୁମର, ବୟଂ = ଆମେ, ମଘବନ୍ = ହେ ଇନ୍ଦ୍ର !, ବନ୍ଦିଷୀମହି = ବନ୍ଦନା କରୁଛୁ, ପ୍ର = (ଉପସର୍ଗ), ନୂନଂ = ନିଶ୍ଚୟ, ପୂର୍ଣବନ୍ଧୁର: = ଧନରେ ପୂର୍ଣ ରଥ ସହ, ସ୍ତୁତ: = ଯାହାର ସ୍ତୁତି କରା ଯାଇଛି, ଯାସି = ଯାଉଛି, ବସାନ୍ = ବଶୀଭୂତ ଯାଜକଙ୍କ ପାଖକୁ, ଅନୁ = (ଉପସର୍ଗ), ଯୋଜା = ଜୋତ, ନୁ = (ଉପସର୍ଗ), ଇନ୍ଦ୍ର = ହେ ଇନ୍ଦ୍ର !, ତେ = ତୁମେ, ହରୀ = (ନିଜ) ଘୋଡା

# ଅନ୍ୱୟାର୍ଥ

ମଘବନ୍ ବୟଂ ସୁସନ୍ଦୃଶଂ ତ୍ୱା ବନ୍ଦିଷୀମହି = ହେ ଇନ୍ଦ୍ର ! ଆମେ ତୁମର ଦର୍ଶନୀୟ ରୂପର ବନ୍ଦନା କରୁଛୁ |

ସ୍ତୁତ: ପୂର୍ଣବନ୍ଧୁର: ବସାନ୍ ନୂନଂ ଅନୁ ପ୍ର ଯାସି = ସ୍ତୁତ୍ୟ ଧନରେ ପୂର୍ଣ ରଥ ସହ ବଶୀଭୂତ ଯାଜକଙ୍କ ପାଖକୁ ନିଶ୍ଚୟ ଅନୁକୂଳ ହୋଇ ଯାଅ |

ଇନ୍ଦ୍ର ତେ ହରୀ ଆ ଅନୁ ଯୋଜା = ହେ ଇନ୍ଦ୍ର ! ତୁମେ (ନିଜ) ଘୋଡା ଜୋତ |

# ଶ୍ଳୋକ ୫୩

ମନୋ ନ୍ୱାହ୍ୱା॑ମହେ ନାରାଶ ó ସେନ ସ୍ତୋମେ॑ନ |

ପିତର୍ଣାଂ ଚ ମନ୍ମେ॑ଭି: ||୩-୫୩||

# ଶବ୍ଦାର୍ଥ

ମନ: = ମନ କୁ, ନୁ = , ଆହ୍ୱାମହେ = ଆହ୍ୱାନ କରୁଛୁ, ନାରାଶଂସେନ = ବୀର ମାନଙ୍କ ପ୍ରସଂସା ର, ସ୍ତୋମେନ = ସ୍ତୋତ୍ର ଦ୍ୱାରା, ପିତରଣାଂ = ପିତର ମାନଙ୍କୁ, ଚ = ଓ, ମନ୍ମଭି: = ସ୍ତୋତ୍ର ଦ୍ୱାରା

# ଅନ୍ୱୟାର୍ଥ

ନାରାଶଂସେନ ସ୍ତୋମେନ ପିତରଣାଂ ମନ୍ମଭି: ଚ ମନ: ନୁ ଆହ୍ୱାମହେ = ବୀର ମାନଙ୍କ ପ୍ରସଂସା ର ସ୍ତୋତ୍ର ଦ୍ୱାରା ଓ ପିତର ମାନଙ୍କ ସ୍ତୋତ୍ର ଦ୍ୱାରା ମନ କୁ ଆହ୍ୱାନ କରୁଛୁ |

# ଶ୍ଳୋକ ୫୪

ଆ ନ॑ ଏତୁ ମନ: ପୁନ: କ୍ରତ୍ୱେ ଦକ୍ଷା॑ୟ ଜୀବସେ॑ |

ଜ୍ୟୋକ୍ ଚ ସୂର୍ଯ୍ୟଂ ଦୃଶେ ||୩-୫୪||

# ଶବ୍ଦାର୍ଥ

ଆ = (ଉପସର୍ଗ), ନ: = ଆମର, ଏତୁ = ପ୍ରବୃତ୍ତ ହେଉ, ମନ: = ମନ, ପୁନ: = ପୁଣି, କ୍ରତ୍ୱେ = ସତ୍କର୍ମ ପାଇଁ, ଦକ୍ଷାୟ = ବଳ ପାଇଁ, ଜୀବସେ = ଦୀର୍ଘାୟୁଷ, ଜ୍ୟୋକ୍ = ପାଇଁ, ଚ = ଓ, ସୂର୍ଯ୍ୟଂ = ସୂର୍ଯ୍ୟଙ୍କ, ଦୃଶେ = ଦର୍ଶନ ପାଇଁ

# ଅନ୍ବୟାର୍ଥ

ନ: ମନ: କ୍ରତ୍ୱେ ଦକ୍ଷାୟ ଜୀବସେ ଜ୍ୟୋକ୍ ଚ ସୂର୍ଯ୍ୟଂ ଦୃଶେ ପୁନ: ଆ ଏତୁ = ଆମର ମନ ସତ୍କର୍ମ ପାଇଁ, ବଳ ପାଇଁ, ଦୀର୍ଘାୟୁଷ ପାଇଁ ଓ ସୂର୍ଯ୍ୟଙ୍କ ଦର୍ଶନ ପାଇଁ ପୁଣି ପ୍ରବୃତ୍ତ ହେଉ |

# ଶ୍ଳୋକ ୫୫

ପୁନର୍ନ: ପିତରୋ ମନୋ ଦଦାତୁ ଦୈବ୍ୟୋ ଜନ: |

ଜୀବଂ ବ୍ରାତଂ ସଚେମହି ||୩-୫୫||

# ଶବ୍ଦାର୍ଥ

ପୁନ: = ପୁଣି, ନ: = ଆମର, ପିତର: = ହେ ପିତୃଗଣ !, ମନ: = ଉତ୍ତମ ମନ, ଦଦାତୁ = ଦିଅ, ଦୈବ୍ୟ: = ଦିବ୍ୟ, ଜନ: = ପୁରୁଷ, ଜୀବଂ = ଜୀବିତ, ବ୍ରାତଂ = ଜୀବ ସମୁହ ର, ସଚେମହି = ସେବା କରିବୁ

# ଅନ୍ବୟାର୍ଥ

ପିତର: = ହେ ପିତୃଗଣ !

ଦୈବ୍ୟ: ଜନ: ପୁନ: ନ: ମନ: = ଦିବ୍ୟ ପୁରୁଷ ପୁଣି ଆମକୁ ଉତ୍ତମ ମନ ପ୍ରଦାନ କରନ୍ତୁ (ଯାହାଫଳରେ ଆମେ)

ଜୀବଂ ବ୍ରାତଂ ସଚେମହି = ଜୀବିତ ଜୀବ ସମୁହ ର ସେବା କରିପାରିବୁ |

# ଶ୍ଳୋକ ୫୬

ବ॒ୟ ꣳ ସୋ॑ମ ବ୍ର॒ତେ ତବ॒  ମନ॑ସ୍ତ॒ନୂଷୁ ବିଭ୍ର॑ତଃ | ପ୍ର॒ଜାବ॑ନ୍ତଃ ସଚେମହି ||୩-୫୬||

# ଶବ୍ଦାର୍ଥ

ବୟଂ = ଆମେ, ସୋମ = ହେ ସୋମ !, ବ୍ରତେ = ବ୍ରତ-ନିୟମ ରେ ସ୍ଥିତ ରହି, ତବ = ତୁମର, ମନ: = ମନକୁ, ତନୂଷୁ = ଶରୀରରେ, ବିଭ୍ରତ: = ଧାରଣ କରି, ପ୍ରଜାବନ୍ତ: = ପ୍ରଜାଯୁକ୍ତ ହୋଇ, ସଚେମହି = ସେବା କରିବୁ

# ଅନ୍ୱୟାର୍ଥ

ସୋମ = ହେ ସୋମ !

ବୟଂ ତବ ବ୍ରତେ ତନୂଷୁ ମନ: ବିଭ୍ରତ: ପ୍ରଜାବନ୍ତ: (ଜୀବଂ ବ୍ରାତଂ) ସଚେମହି = ଆମେ ତୁମର ବ୍ରତ-ନିୟମ ରେ ସ୍ଥିତ ରହି, ଶରୀରରେ ମନକୁ ଧାରଣ କରି, ପ୍ରଜାଯୁକ୍ତ ହୋଇ ଜୀବିତ ଜୀବ ସମୁହ ର ସେବା କରିବୁ |

# ଶ୍ଳୋକ ୫୭

ଏ॒ଷ ତେ॑ ରୁଦ୍ର ଭା॒ଗଃ ସ॒ହ ସ୍ୱସ୍ରାମ୍ବି॑କୟା॒  ତଂ ଜୁ॑ଷସ୍ୱ॒  ସ୍ୱାହୈ॒ଷ ତେ॑ ରୁଦ୍ର ଭାଗ ଆ॒ଖୁସ୍ତେ॑ ପ॒ଶୁଃ ||୩-୫୭||

# ଶବ୍ଦାର୍ଥ

ଏଷ = ଏହା, ତେ = ତୁମର, ରୁଦ୍ର = ହେ ରୁଦ୍ର !, ଭାଗ: = ଭାଗ, ସହ = ସହ, ସ୍ୱସ୍ରା = ଭଉଣୀ, ଅମ୍ବିକୟା = ଅମ୍ବିକା, ତଂ = ତାହାର, ଜୁଷସ୍ୱ = ସେବନ କର, ସ୍ୱାହା = (ତୁମ ପାଇଁ) ଏହା ଅର୍ପିତ, ଏଷ: = ଏହି, ତେ = ତୁମର, ରୁଦ୍ର = ହେ ରୁଦ୍ର !, ଭାଗ: = ଭାଗ, ଆଖୁ: = ମୂଷା, ତେ = ତୁମର, ପଶୁ: = ପଶୁ

# ଅନ୍ୱୟାର୍ଥ

ରୁଦ୍ର ତେ ସ୍ୱସ୍ରା ଅମ୍ବିକୟା ସହ ଏଷ ଭାଗ: = ହେ ରୁଦ୍ର ! ତୁମପାଇଁ ଓ ଭଉଣୀ ଅମ୍ବିକା ପାଇଁ ଏହି ଭାଗ |

ତଂ ଜୁଷସ୍ୱ = ଏହା ସେବନ କର |

ସ୍ୱାହା = (ତୁମ ପାଇଁ) ଏହା ଅର୍ପିତ |

ରୁଦ୍ର ଏଷ: ତେ ଭାଗ: = ହେ ରୁଦ୍ର ! ଏହା ତୁମର ଭାଗ |

ତେ ପଶୁ: ଆଖୁ: = ତୁମର ପଶୁ ମୂଷା |

# ଶ୍ଳୋକ ୫୮

ଅବ॑ ରୁଦ୍ରମ॑ଦୀମହ୍ୟବ॑ ଦେବଂ ତ୍ର୍ୟ॑ମ୍ବକମ | ଯଥା॑ ନୋ  ବସ୍ୟ॑ସସ୍କରଦ୍ୟଥା॑ ନଃ  ଶ୍ରେୟ॑ସସ୍କରଦ୍ୟଥା॑ ନୋ ବ୍ୟବସାୟୟା॑ତ୍ ||୩-୫୮||

# ଶବ୍ଦାର୍ଥ

ଅବ = ସମର୍ପିତ କର, ରୁଦ୍ରଂ = ଶତ୍ରୁଙ୍କୁ କନ୍ଦାଉଥିବା ରୁଦ୍ର, ଅଦୀମହି = ଆମେ ଅନ୍ନ ଖାଉଁ, ଅବ ଦେବଂ = ଦେବଙ୍କୁ, ତ୍ର୍ୟମ୍ବକମ = ତିନି ଦୃଷ୍ଟି ଯୁକ୍ତ, ଯଥା = ଯାହାଫଳରେ, ନ: = ଆମର, ବସ୍ୟସସ୍କରତ୍ = ନିବାସ ଉତ୍ତମ ହେଉ, ଯଥା = ଯାହାଫଳରେ, ନ: = ଆମର, ଶ୍ରେୟସସ୍କରତ୍ = କଲ୍ୟାଣ ପ୍ରାପ୍ତ ହେଉ, ଯଥା = ଯାହାଫଳରେ, ନ: = ଆମର, ବ୍ୟବସାୟୟାତ୍ = ବ୍ୟବସାୟରେ ସଫଳତା ପ୍ରାପ୍ତ ହେଉ

# ଅନ୍ୱୟାର୍ଥ

ରୁଦ୍ରଂ ତ୍ର୍ୟମ୍ବକମ ଦେବଂ ଅବ = ଶତ୍ରୁଙ୍କୁ କନ୍ଦାଉଥିବା ତିନି ଦୃଷ୍ଟି ଯୁକ୍ତ ଦେବଙ୍କୁ (ସର୍ବସ୍ୱ) ସମର୍ପିତ କର |

ଅଦୀମହି ଯଥା ନ: ବସ୍ୟସସ୍କରତ୍ = ଆମେ ଅନ୍ନ ଖାଉଁ ଯାହାଫଳରେ ଆମର ନିବାସ ଉତ୍ତମ ହେବ,

ଯଥା ନ: ଶ୍ରେୟସସ୍କରତ୍ = ଯାହାଫଳରେ ଆମକୁ କଲ୍ୟାଣ ପ୍ରାପ୍ତ ହେବ,

ଯଥା ନ: ବ୍ୟବସାୟୟାତ୍ = ଯାହାଫଳରେ ଆମକୁ ବ୍ୟବସାୟରେ ସଫଳତା ପ୍ରାପ୍ତ ହେବ |

# ଶ୍ଳୋକ ୫୯

ଭେଷଜମ॑ସି ଭେଷଜଂ ଗବେଽଶ୍ୱା॑ୟ  ପୁରୁ॑ଷାୟ ଭେଷଜମ | ସୁଖଂ ମେଷାୟ॑ ମେଷ୍ୟୈ ||୩-୫୯||

## ଶବ୍ଦାର୍ଥ

ଭେଷଜଂ = (ତୁମେ) ଔଷଧ, ଅସି = ଅଟ, ଭେଷଜଂ = (ତୁମେ) ଔଷଧ ହୋଇଯାଅ, ଗବେ= ଗାଇ ପାଇଁ, ଅଶ୍ୱାୟ = ଘୋଡା ପାଇଁ, ପୁରୁଷାୟ = ପୁରୁଷ ପାଇଁ, ଭେଷଜମ = (ତୁମେ) ଔଷଧ ହୋଇଯାଅ, ସୁଖଂ = ସୁଖକାରୀ ହୋଇଯାଅ, ମେଷାୟ = ମେଣ୍ଢା ପାଇଁ,, ମେଷ୍ୟୈ = ମେଣ୍ଢି ପାଇଁ,

## ଅନ୍ୱୟାର୍ଥ

ଭେଷଜଂ ଅସି = (ତୁମେ) ଔଷଧ ଅଟ |

ଗବେ ଅଶ୍ୱାୟ ଭେଷଜଂ = ଗାଇ ପାଇଁ ଘୋଡା ପାଇଁ (ତୁମେ) ଔଷଧ ହୋଇଯାଅ |

ପୁରୁଷାୟ ଭେଷଜମ = ପୁରୁଷ ପାଇଁ (ତୁମେ) ଔଷଧ ହୋଇଯାଅ |

ମେଷାୟ ମେଷ୍ୟୈ ସୁଖଂ = ଛେଳି-ମେଣ୍ଢା ପାଇଁ ତୁମେ ସୁଖକାରୀ ହୋଇଯାଅ |

## ଶ୍ଲୋକ ୬୦

ତ୍ର୍ୟ॑ମ୍ବକଂ ଯଜାମହେ ସୁଗ॒ନ୍ଧିଂ ପୁ॑ଷ୍ଟି॒ବର୍ଧ॑ନମ୍ | ଉ॒ର୍ବା॒ରୁ॒କମି॑ବ॒ ବନ୍ଧ॑ନାନ୍ମୃ॒ତ୍ୟୋର୍ମୁ॑କ୍ଷୀୟ॒ ମାମୃତାତ୍ | ତ୍ର୍ୟ॑ମ୍ବକଂ ଯଜାମହେ ସୁଗ॒ନ୍ଧିଂ ପ॑ତି॒ବେଦ॑ନମ୍ | ଉ॒ର୍ବା॒ରୁ॒କମି॑ବ॒ ବନ୍ଧ॑ନାଦି॒ତୋ ମୁ॑କ୍ଷୀୟ॒ ମାମୁତଃ॑ ||୩-୬୦||

## ଶବ୍ଦାର୍ଥ

ତ୍ର୍ୟମ୍ବକଂ = ତିନି ଦୃଷ୍ଟି ଯୁକ୍ତ, ଯଜାମହେ = (ଆମେ) ଯଜନ କରୁଛୁ, ସୁଗନ୍ଧିଂ = ସୁଗନ୍ଧ ଯୁକ୍ତ, ପୁଷ୍ଟିବର୍ଧନମ୍ = ପୁଷ୍ଟିବର୍ଦ୍ଧକ, ଉର୍ବାରୁକଂ = ତରଭୁଜ, ଇବ = ପରି, ବନ୍ଧନାତ୍ = (ମୃତ୍ୟୁ ର) ବନ୍ଧନରୁ, ମୃତ୍ୟୋ: = (ଯାହା ଫଳରେ) ମୃତ୍ୟି ଠାରୁ, ମୁକ୍ଷୀୟ = (ଆମେ) ମୁକ୍ତ ହୋଇଯାଉଁ, ମା = ନା, ଅମୃତାତ୍ = ଅମରତ୍ୱ ରୁ, ତ୍ର୍ୟମ୍ବକଂ = ତିନି ଦୃଷ୍ଟି ଯୁକ୍ତ, ଯଜାମହେ = (ଆମେ) ଯଜନ କରୁଛୁ, ସୁଗନ୍ଧିଂ = ସୁଗନ୍ଧ ଯୁକ୍ତ, ପତିବେଦନମ୍ = ପତି ପ୍ରାପ୍ତି କରାଉ ଥିବା, ଉର୍ବାରୁକଂ = ତରଭୁଜ, ଇବ = ପରି, ବନ୍ଧନାତ୍ = (ମୃତ୍ୟୁ ର) ବନ୍ଧନରୁ, ଇତ: = ଏହି ଲୋକରୁ, ମୁକ୍ଷୀୟ = ମୁକ୍ତ ହୋଇଯାଉଁ, ମା = ନା, ଅମୁତ: = ଅମରତ୍ୱ ରୁ

## ଅନ୍ୱୟାର୍ଥ

ସୁଗନ୍ଧିଂ ପୁଷ୍ଟିବର୍ଧନମ୍ ତ୍ର୍ୟମ୍ବକଂ ଯଜାମହେ ମୃତ୍ୟୋ: ମୁକ୍ଷୀୟ = ସୁଗନ୍ଧ ଯୁକ୍ତ, ପୁଷ୍ଟିବର୍ଦ୍ଧକ, ତିନି ଦୃଷ୍ଟି ଯୁକ୍ତ (ମହେଶ୍ୱର ଙ୍କୁ) (ଆମେ) ଯଜନ କରୁଛୁ (ଯାହା ଫଳରେ) ମୃତ୍ୟୁ ଠାରୁ (ଆମେ) ମୁକ୍ତ ହୋଇଯାଉଁ,

ବନ୍ଧନାତ୍ ଉର୍ବାରୁକଂ ଇବ (ମୁକ୍ଷୀୟ) = (ମୃତ୍ୟୁ ର) ବନ୍ଧନରୁ ତରଭୁଜ ପରି (ଆମେ ମୁକ୍ତ ହୋଇ ଯାଉଁ),

ଅମୃତାତ୍ ମା = ଅମରତ୍ୱ ରୁ ଆମେ ବିଯୁକ୍ତ ନ ହେଉଁ |

ପତିବେଦନମ୍ ସୁଗନ୍ଧିଂ ତ୍ର୍ୟମ୍ବକଂ ଯଜାମହେ ବନ୍ଧନାତ୍ ଉର୍ବାରୁକଂ ଇବ ମୁକ୍ଷୀୟ ଇତ: = ପତି ପ୍ରାପ୍ତି କରାଉ ଥିବା, ସୁଗନ୍ଧ ଯୁକ୍ତ,ତିନି ଦୃଷ୍ଟି ଯୁକ୍ତ (ମହେଶ୍ୱର ଙ୍କୁ) (ଆମେ) ଯଜନ କରୁଛୁ (ଯାହା ଫଳରେ) ବନ୍ଧନରୁ ତରଭୁଜ ପରି ଏହି ଲୋକରୁ ଆମେ ମୁକ୍ତ ହୋଇ ଯାଉଁ,

ଅମୁତ: ମା = ଅମରତ୍ୱ ରୁ ଆମେ କେବେବି ବିଯୁକ୍ତ ନ ହେଉଁ |

# ଶ୍ଳୋକ ୬୧

ଏତତ୍ତେ॑ ରୁଦ୍ରାବ॒ସଂ ତେନ॑ ପ॒ରୋ ମୂଜ॑ବ॒ତୋଽତୀ॑ହି | ଅବ॑ତତଧନ୍ୱା॒ ପିନା॑କାବସ॒ଃ କୃତ୍ତି॑ବାସା॒ | ଅହି॑ꣳସନ୍ନଃ ଶି॒ବୋଽତୀ॑ହି ||୩-୬୧||

# ଶବ୍ଦାର୍ଥ

ଏତତ୍ = ଏହି, ତେ = ତୁମର, ରୁଦ୍ର = ହେ ଶତ୍ରୁଙ୍କୁ କନ୍ଦାଉଥିବା ମହେଶ୍ୱର !, ଅବସଂ = ହବିର୍ଭାଗ, ତେନ = ଏହାକୁ ସାଥିରେ ନେଇ, ପର: = ସେପଟେ, ମୂଜବତ: = ମୂଜବାନ ର, ଅତୀହି = ଗମନ କର, ଅବତତ-ଧନ୍ୱା = ଧନୁର ଡୋରୀ ଓହ୍ଲାଇ, ପିନାକାବସ: = ତୁମର ପିନାକ ଧନୁକୁ ବସ୍ତ୍ର ରେ ଲୁଚାଇ, କୃତ୍ତିବାସା: = ଚର୍ମାମ୍ବର, ଅହିଂସନ୍ = ହିଂସା ନ କରି, ନ: = ଆମକୁ, ଶିବ: = କଲ୍ୟାଣକାରୀ ହୋଇ, ଅତୀହି = ଚାଲି ଯାଅ

# ଅନ୍ୱୟାର୍ଥ

ରୁଦ୍ର ଏତତ୍ ତେ ଅବସଂ = ହେ ଶତ୍ରୁଙ୍କୁ କନ୍ଦାଉଥିବା ମହେଶ୍ୱର ! ଏହା ତୁମର ହବିର୍ଭାଗ ଅଟେ |

ତେନ ଅବତତ-ଧନ୍ୱା ପିନାକାବସ: ମୂଜବତ: ପର: ଅତୀହି = ଏହାକୁ ସାଥିରେ ନେଇ, ଧନୁର ଡୋରୀ ଓହ୍ଲାଇ, ତୁମର ପିନାକ ଧନୁକୁ ବସ୍ତ୍ର ରେ ଲୁଚାଇ, ମୂଜବାନ ର ସେପାରିକୁ ଗମନ କର |

କୃତ୍ତିବାସା: ନ: ଅହିଂସନ୍ ଶିବ: ଅତୀହି = ହେ ଚର୍ମାମ୍ବର ପରିହିତ ରୁଦ୍ର ଦେବ! ଆମପ୍ରତି ହିଂସା ନ କରି, କଲ୍ୟାଣକାରୀ ହୋଇ ଚାଲି ଯାଅ |

# ଶ୍ଳୋକ ୬୨

ତ୍ର୍ୟା॒ୟୁଷଂ ଜ॒ମଦ॑ଗ୍ନେଃ କ॒ଶ୍ୟପ॑ସ୍ୟ ତ୍ର୍ୟା॒ୟୁ॒ଷମ | ଯଦ୍ଦେ॒ବେଷୁ॑ ତ୍ର୍ୟା॒ୟୁ॒ଷଂ ତନ୍ନୋ॑ ଅସ୍ତୁ ତ୍ର୍ୟା॒ୟୁ॒ଷମ ||୩-୬୨||

# ଶବ୍ଦାର୍ଥ

ତ୍ର୍ୟାୟୁଷଂ = ତ୍ରିବିଧ ଆୟୁ ଅଛି, ଜମଦଗ୍ନେ: = ଜମଦଗ୍ନି ଙ୍କ, କଶ୍ୟପସ୍ୟ = କଶ୍ୟପଙ୍କ, ତ୍ର୍ୟାୟୁଷଂ = ତ୍ରିବିଧ ଆୟୁ ଅଛି, ଯତ୍ = ଯେଉଁ, ଦେବେଷୁ = ଦେବତାଙ୍କ, ତ୍ର୍ୟାୟୁଷଂ = ତ୍ରିବିଧ ଆୟୁ ଅଛି, ତତ୍ = ସେହି, ନ: = ଆମକୁ, ଅସ୍ତୁ = ପ୍ରାପ୍ତ ହେଉ, ତ୍ର୍ୟାୟୁଷଂ = ତ୍ରିବିଧ ଆୟୁ

# ଅନ୍ୱୟାର୍ଥ

ଜମଦଗ୍ନେ: ତ୍ର୍ୟାୟୁଷଂ କଶ୍ୟପସ୍ୟ ତ୍ର୍ୟାୟୁଷଂ ଯତ୍ ଦେବେଷୁ ତ୍ର୍ୟାୟୁଷଂ ତତ ତ୍ର୍ୟାୟୁଷଂ ନ: ଅସ୍ତୁ = ଜମଦଗ୍ନି ଙ୍କ ତ୍ରିବିଧ ଆୟୁ, କଶ୍ୟପଙ୍କ ତ୍ରିବିଧ ଆୟୁ, ଦେବତାଙ୍କ ତ୍ରିବିଧ ଆୟୁ ଆମକୁ ପ୍ରାପ୍ତ ହେଉ

# ଶ୍ଳୋକ ୬୩

ଶିବୋ ନାମା॑ସି ସ୍ୱଧି॑ତିସ୍ତେ ପିତା ନମ॑ସ୍ତେ ଅସ୍ତୁ ମା ମା॑ ହିଠସୀଃ | ନି ବ॑ର୍ତ୍ତୟାମ୍ୟାୟୁ॑ଷେ଼ଽନ୍ନାଦ୍ୟା॑ୟ ପ୍ରଜନ॑ନାୟ ରାୟସ୍ପୋଷା॑ୟ ସୁପ୍ରଜାସ୍ତ୍ୱାୟ॑ ସୁବୀର୍ଯା॑ୟ ||୩-୬୩||

# ଶବ୍ଦାର୍ଥ

ଶିବ: = ଶିବ, ନାମ = ନାମ, ଅସି = ଅଟେ, ସ୍ୱଧିତି: = ଶସ୍ତ୍ର, ତେ = ତୁମର, ପିତା = ପାଳକ, ନମ: = ନମସ୍କାର, ତେ = ତୁମକୁ, ଅସ୍ତୁ = ରହିଲା, ମା = ମୋତେ, ମା = ନା, ହିଂସୀ: = ହିଁସା କର, ନି ବର୍ତ୍ତୟାମି = (ମୁ) ପ୍ରଯତ୍ନବାନ ହେଉଛି, ଆୟୁଷେ = ଦୀର୍ଘାୟୁ, ଅନ୍ନାଦ୍ୟାୟ = ଅନ୍ନଦି ପ୍ରାପ୍ତି ପାଇଁ, (ସୁ) ପ୍ରଜନନାୟ = (ସୁନ୍ଦର) ସନ୍ତାନ ପ୍ରାପ୍ତି ପାଇଁ, ରାୟସ୍ପୋଷାୟ = ଧନ ଓ ପୁଷ୍ଟି ପାଇଁ, ସୁପ୍ରଜାସ୍ତ୍ୱାୟ = ଉତ୍ତମ ପ୍ରଜା ହେବାର ସାମର୍ଥ୍ୟ ପାଇଁ, ସୁବୀର୍ଯାୟ = ଉତ୍ତମ ପରାକ୍ରମ ପାଇଁ

# ଅନ୍ୱୟାର୍ଥ

ଶିବ: ନାମ ଅସି = ଶିବ (ତୁମର) ନାମ ଅଟେ |

ସ୍ୱଧିତି: ତେ ପିତା = ଶସ୍ତ୍ର ତୁମର ପାଳକ |

ତେ ନମ: = ତୁମକୁ ନମସ୍କାର |

ମା ମା ହିଂସୀ: = ମୋତେ ହିଁସା କରନାହିଁ |

ଆୟୁଷେ ଅନ୍ନାଦ୍ୟାୟ (ସୁ) ପ୍ରଜନନାୟ ସୁପ୍ରଜାସ୍ତ୍ୱାୟ ରାୟସ୍ପୋଷାୟ ସୁବୀର୍ଯାୟ ନି ବର୍ତ୍ତୟାମି = ଦୀର୍ଘାୟୁ (ତଥା) ଅନ୍ନଦି ପ୍ରାପ୍ତି ପାଇଁ, (ସୁନ୍ଦର)

ସନ୍ତାନ ପ୍ରାପ୍ତି ପାଇଁ, ଉତ୍ତମ ପ୍ରଜା ହେବାର ସାମର୍ଥ୍ୟ ପାଇଁ, ଧନ ଓ ପୁଷ୍ଟି ପାଇଁ, ଉତ୍ତମ ପରାକ୍ରମ ପାଇଁ (ମୁ) ପ୍ରଯତ୍ନବାନ ହେଉଛି |